## ସଂକ୍ଷେପରେ

### ଡବଲ ମର୍ଡର ଘଟଣା, ଅଭିଯୁକ୍ତ ଗିରଫ

**ଗୋଲାମୁଣ୍ଡା,୨୭।୧(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି କାର୍ଲିଗାଁରେ ଜମିବାଡି ବିବାଦକୁ ନେଇ ବଡ଼ବାପା ଓ ବଡ ମା'ଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ପୁତୁରା ବସନ୍ତ ବାଗଙ୍କୁ ପୋଲିସ ଗିରଫ କରିଛି। ସୂଚନାମତେ ଦୀର୍ଘଦିନ ଧରି ମୃତକଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଶେଷରେ ପୁତୁରା ପ୍ରତିଶୋଧ ପରାୟଣ ହୋଇ ନିଜ ବଡ଼ ବାପା ବୁଢୁ ବାଗ (୫୦) ଓ ବଡ଼ ମା' ସଜନେ ବାଗ (୪୫)ଙ୍କୁ ପ୍ରଥମେ ଟାଙ୍ଗିଆରେ ହାଣି ଓ ପରେ ପଥରରେ ଛେଚି ହତ୍ୟା କରିଥିଲେ। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ଅଭିଯୁକ୍ତ ପୁତୁରା ବସନ୍ତଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଏକ ଟାଙ୍ଗିଆ ଓ ପଥର ଜବତ କରି କୋର୍ଟ ଚାଲାଣ କରିଛି। ଏ ନେଇ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଏସ୍‌ଡିପିଓ ମନୋଜ କୁମାର ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମ ସେଠ, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ।

### ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନ ରାଜ୍ୟ ସଭାପତି ହେଲେ ରିପୁଦମନ ମିଶ୍ର

**କର୍ଲାମୁଣ୍ଡା,୨୭।୧(ପ୍ରଦୀପ କୁମାର ସାହୁ):** ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନ ରାଜ୍ୟ ସଭାପତି ରୂପେ ରିପୁଦମନ ମିଶ୍ର ନିର୍ବାଚିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ସଂଗଠନର ରାଜ୍ୟସ୍ତରୀୟ ନିର୍ବାଚନ ରବିବାର ଶେଷ ହୋଇଥିବାବେଳେ କଳାହାଣ୍ଡିର ମଦନପୁର, ରାମପୁର ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷକ ତଥା ରିଞ୍ଜା ଗ୍ରାମର ରିପୁଦମନ ସୌରଭ ମିଶ୍ର ସଭାପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମଳୟ କୁମାର ମହାପାତ୍ରଙ୍କୁ ୧୨୩୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସମୁଦାୟ ୨୫୪୬ ଖଣ୍ଡ ଭୋଟ ପଡ଼ିଥିବା ବେଳେ ରିପୁଦମନ ୧୬୪୯ ଓ ମଳୟ ୪୧୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ରୂପେ ଶୁଭାଶିଷ ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ଗେରୁ, କୋଷାଧ୍ୟକ୍ଷ ହରେକୃଷ୍ଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅମ୍ବିକା ସାମଲ ଓ ସହକାରୀ କୋଷାଧ୍ୟକ୍ଷ ରୂପେ ଗୁରୁ ବଦରବିନ୍ଦ ରାଉତ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଆଦର୍ଶ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ଘୋଷଣା, କ୍ୟାଡ଼ର ରୁଲ ଲାଗୁ କରିବା ଆଦି ସମସ୍ୟାକୁ ସରକାରଙ୍କ ସମ୍ମୁଖରେ ରଖି ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ନୂତନ ସଭାପତି ମିଶ୍ର କହିଛନ୍ତି।

# ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପିତ



ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ସମ୍ମାନୀତ ପ୍ରତିଭା।

**ସମ୍ବଲପୁର,୨୭।୧(ବି.ଶଙ୍କର)** ଏନ୍‌ବିଟି ଓ ସେତୁ ମିଳିତ ଆୟୋଜିତ ୨୫ତମ ସମ୍ବଲପୁର ପୁସ୍ତକ ମେଳା ରବିବାର ରାତି ୯ଟାରେ ଅଇଁଠାପାଲି ନିକଟସ୍ଥ ବିଏଚ୍‌ଡି ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ମୁଖ୍ୟଅତିଥି, ଆଇଆଇଏମସି ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଏବଂ ଏନବିଟି ସଦସ୍ୟ ଅଶୋକ ଧନକଡ଼ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସରୋଜିନୀ ସାହୁଙ୍କୁ ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ, ମମତା ପଣ୍ଡାଙ୍କୁ ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ, ସ୍ୱେଚ୍ଛାସେବୀ ଜ୍ୟୋତି ଅନୁଷ୍ଠାନକୁ ସେତୁ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର ଶୁଭଙ୍କର ସାହୁ ଓ କ୍ଷୀରୋଦ ପ୍ରସାଦ ମିଶ୍ର ସ୍ମୃତି ପୁରସ୍କାର ସୁମା ଖାତୁନଙ୍କୁ ଦିଆଯାଇଥିଲା। ଡ. ସ୍ୱୟଂ ପ୍ରକାଶ ପଣ୍ଡ, ରୀତାରାଣୀ ମିଶ୍ର ଓ ଅନନ୍ୟା ବେହେରା ମାନପତ୍ର ପାଠ କରିଥିଲେ। ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା। ସେତୁର ବରିଷ୍ଠ ସଦସ୍ୟ ହରି ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, କୋଷାଧ୍ୟକ୍ଷ ରବି ନାରାୟଣ ପ୍ରଧାନ, ସୁଶାନ୍ତ କୁମାର ଗୁରୁ, ସରୋଜ କୁମର ମିଶ୍ର, କାମଦେବ ସାହୁ ,ସୁବ୍ରତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ୬୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜିଲାପାଳ ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ହ୍ୱିଲ ଚେୟାର ପ୍ରଦାନ କରୁଛନ୍ତି।

**କୁଚିଣ୍ଡା,୨୭।୧(ବିରଞ୍ଚି ଦର୍ଜ୍ଜୀ)** ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକର ୧୭ ପଞ୍ଚାୟତ ଓ କୁଚିଣ୍ଡା ଏନଏସିରୁ ଆସିଥିବା ୬୩ଟି ଜନଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସାମୂହିକ ୨୨ ଓ ୪୧ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଜିଲାପାଳ ବୋନ୍ଦର ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକାରୀ ଆଲବିନ୍ନସ କେର୍କେଟା, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ଡିଏଫଓ ସମୀର ସାହୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ସିଡିଏମଓ ଡା.ସୁଜାତାରାଣି ମିଶ୍ର, ଏସଡିପିଓ ଅମିତାଭ ପଣ୍ଡା, ବିଡିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁମିତା ଦଳେଇ, ଏନଏସି ଇଓ ଗୌରବ ପ୍ରଧାନ, ଆଇଆଇସି ବାମଦେବ ଶଙ୍ଖୁଆଳ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତ ଓ ଅନ୍ୟ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ହ୍ୱିଲଚେୟାର ପ୍ରଦାନ କରିଥିଲେ।

## ଜିଏମ୍‌ୟୁ ପରିଦର୍ଶନ କରି ଫେରିଲା ନାକ୍ ଟିମ୍

**ଜିଏମ୍‌ୟୁର ସାମଗ୍ରିକ ବିକାଶ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ**



କୁଳପତିଙ୍କ ସହିତ ଜିଏମ୍‌ୟୁ ପରିଦର୍ଶନରେ ଆସିଥିବା ନାକ ପ୍ରତିନିଧି।

**ସମ୍ବଲପୁର,୨୭।୧(ପ୍ରମୋଦ ବହିଦାର)** ଜାତୀୟ ମୂଲ୍ୟାୟନ ଓ ମାନ୍ୟତା ପରିଷଦ(ନାକ୍) ପିଅର ଦଳ ଏହାର ପ୍ରଥମ ପର୍ଯ୍ୟାୟ ମାନ୍ୟତା ପାଇଁ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପରିଦର୍ଶନ କରି ଫେରିଛି। ତାମିଲନାଡୁ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅରୁମୁଗମ ସୋନାଚଳମ୍‌ଙ୍କ ନେତୃତ୍ୱରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଉର୍ମିନନ୍ଦ ବିଶ୍ୱାସ, କନ୍ନୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ରେଗୋରୀ ଏସ୍, ପଞ୍ଜାବ ବିଶ୍ୱବିଦ୍ୟାଳୟ ପ୍ରଫେସର ହରମେଶ କୁମାର କଂସଲ, ମଗଧ ବିଶ୍ୱବିଦ୍ୟାଳୟ ପ୍ରଫେସର ବିନୟ କୁମାର, କୁଭେମ୍ପୁ ବିଶ୍ୱବିଦ୍ୟାଳୟ ପ୍ରଫେସର ରିଆଜ୍ ମହମୁଦ ଓ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଶାହାବ ଫଜଲ୍‌ଙ୍କୁ ନେଇ ଗଠିତ ୭ ଜଣିଆ ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟର ଶିକ୍ଷା, ପ୍ରଶାସନିକ ଭିତ୍ତିଭୂମି ଆଦିର ଯାଞ୍ଚ କରିଥିଲେ। ଉକ୍ତ ପ୍ରତିନିଧିଦଳ ସେମାନଙ୍କ ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ପାଠପଢ଼ାର ମାନ ତଦାରଖ କରିଥିଲେ। ପରିଦର୍ଶନ ଶେଷରେ ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟର ସାମଗ୍ରିକ ଅଭିବୃଦ୍ଧି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଥିଲେ। ଫଳରେ ଜିଏମ୍‌ୟୁ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ଏକ ଭଲ ଗ୍ରେଡ୍ ମାନ୍ୟାତା ମିଳିବା ଆଶାରେ ଏହାର ଘୋଷଣା ତାରିଖକୁ ଉତ୍ସାହର ସହିତ ଅପେକ୍ଷାରେ ରହିଛନ୍ତି।

ଗତ ଜାନୁଆରି ୨୩ରେ ଜିଏମ୍‌ୟୁ ପରିସରରେ ନାକ୍‌ଦଳ ପହଞ୍ଚିବା ପରେ ଜିଏୟୁ କୁଳପତି ପ୍ରଫେର ଏନ୍ ନାଗରାଜୁ, କୁଳସଚିବ ସନତ କୁମାର ନାଏକ ସ୍ୱାଗତ କରିଥିଲେ। କୁଳପତିଙ୍କ ବୋର୍ଡ କକ୍ଷରେ ଏକ ବୈଠକ ହୋଇଥିଲା। ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ(ଆଇକ୍ୟୁଏସି) ନିର୍ଦ୍ଦେଶକ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ବିଗତ ୫ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ଗବେଷଣାଗତ କାର୍ଯ୍ୟଦକ୍ଷତା ତଥ୍ୟ ଉପସ୍ଥାପନ କରିଥିଲେ। ନାକ୍‌ପ୍ରତିନିଧିମାନେ ତିନୋଟି ଦଳରେ ବିଭକ୍ତ ହୋଇ ତିନିଦିନ ଧରି ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ।

## ରେଙ୍ଗାଲି ବୁଡ଼ି ଅଞ୍ଚଳ ଚଷା ସମାଜ ବାର୍ଷିକ ଅଧିବେଶନ

**ପଡିଆବାହାଲ, ୨୭।୧(ରାଧାମୋହନ ଷଡ଼ଙ୍ଗୀ)** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଟାମ୍ପରଗଡ଼ ପଞ୍ଚାୟତ ଗୋଗୁଆପଡାଠାରେ ରବିବାର ଅପରାହ୍ନରେ ରେଙ୍ଗାଲି ବୁଡି ଅଞ୍ଚଳ ଚଷା ସମାଜର ୩୫ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସମାଜ ସଭାପତି କୁଞ୍ଜବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଗତବର୍ଷ ମଧ୍ୟରେ ପ୍ରାଣତ୍ୟାଗ କରିଥିବା ସମାଜର ୮ ଜଣଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ସମ୍ପାଦକ ଅରୁଣ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ୟା ସମାଧାନ କରାଯାଇଥିବା ବେଳେ ୨ଟି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଉପସଭାପତି ଯୋଗେଶ୍ୱର ବିଶ୍ୱାଳ,ପୂର୍ବତନ ସଭାପତି ମିହିର କୁମାର ପ୍ରଧାନ, ଡୋଳାଧର ପ୍ରଧାନଙ୍କ ସହ ଗ୍ରାମବାସୀ ଆଲୋଚନାରେ ଭାଗ ନେଇଥିଲେ। ମିହିର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ନିପୁଣ ଓଡ଼ିଶା ମେଳାରେ ଅତିଥି ଓ ଛାତ୍ରୀଛାତ୍ରମାନେ।

**ସମ୍ବଲପୁର,୨୭।୧(ବି.ଶଙ୍କର)** ସମ୍ବଲପୁର ଜିଲା ଧନକଉଡା ବ୍ଲକ କାଇଁଶିର ନିର୍ଗୁଣପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅପରାହ୍ନରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବବ୍ରୁବାହନ ଭୋଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଳ୍ପ କଥନ, ଭାଷା ଦକ୍ଷତା, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ କାଇଁଶିର ସଂଯୋଜିକା ଶୈଳସୁତା ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ଓରାମ ସଭା ପରିଚାଳନା କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସରଳ ଭାବେ ଗ୍ରହଣ କରି ନିଜର ପ୍ରତିଭାକୁ ପ୍ରସାର କରିବା, ପୁଣି ଆଗାମୀ ଶ୍ରେଣୀରେ ସରଳ ଭାବେ ଗ୍ରହଣ କରି ନିଜକୁ ଶିକ୍ଷାର ଗୁଣାତ୍ମକ ବିକାଶ କରିବା ନିପୁଣ ଓଡ଼ିଶାର ଲକ୍ଷ୍ୟ ରହିଛି ବୋଲି ପ୍ରଧାନ ଶିକ୍ଷକ ଭୋଇ ସୂଚିତ କରିଛନ୍ତି ।

## ୬୭ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

**ନାକଟିଦେଉଳ, ୨୭।୧(ବୈକୁଣ୍ଠନାଥ ସାହୁ)** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୮ ତାରିଖଠାରୁ ଚାଲିଥିବା ଆତ୍ମରକ୍ଷା ଶିବିର ସୋମବାର ମଧ୍ୟାହ୍ନ ୧୨ଟାରେ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିଦ୍ୟାଳୟର ୬୭ ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ମାଷ୍ଟର ଟ୍ରେନରଭାବେ ବିଷ୍ଣୁପ୍ରିୟା ସାଗର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱ ଓ ଅଧ୍ୟାପକ କୌଶିକ କୁମାର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ କିସିଣ୍ଡା ଥାନା ସବ ଇନ୍ସପେକ୍ଟର ଗୋଲକ ବିହାରୀ ପ୍ରଧାନ, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ସୁଶାନ୍ତ କୁମାର ନାୟକ ଏବଂ ଅଧ୍ୟାପକ ସଞ୍ଜୟ ପ୍ରଧାନ ଯୋଗ ଦେଇ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଓ ଛାତ୍ରୀମାନଙ୍କର ସୁରକ୍ଷା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । କ୍ରୀଡା ଶିକ୍ଷକ ସୁରେଶ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଦାଦରପାଲି କ୍ରିକେଟ କପ୍: ଘିଚାପାଲି, ନୂଆଁଗଡ ସେମିରେ

**ଅମରପାଲି,୨୭।୧(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟୈଲା ପଞ୍ଚାୟତ ଦାଦରପାଲି ଖେଳ ପଡ଼ିଆରେ ୬ଷ୍ଠ ଦାଦରପାଲି କ୍ରିକେଟ କପ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ସ୍ଥାନୀୟ ସମିତି ସଭ୍ୟା ପ୍ରତିନିଧି ଲମ୍ବୋଦର ମହାକୁର ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଘିଚପାଲି ଓ ବମରାଜ ମଧ୍ୟରେ ହୋଇଥିଲା। ଏଥିରେ ଘିଚାପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହିଲୁଙ୍ଗ ଓ ଭଲିଆପଦର ମଧ୍ୟରେ ହୋଇଥିଲା। ଏଥିରେ ହିଲୁଙ୍ଗ ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଘିଚାପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ହିଲୁଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ଘିଚାପାଲି ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସେହିପରି ସୋମବାର ପ୍ରଥମ ମ୍ୟାଚରେ ଚୌକା ଦଳ ଗୌଡଗାଡକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ପାତ୍ରପାଲିକୁ ହରାଇ ନୂଆଁଗଡ ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚୌକାକୁ ହରାଇ ନୂଆଁଗଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

## ମଣ୍ଡଳ କାରାଗାରରେ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୨୭।୧(ବି.ଶଙ୍କର)** ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ସମ୍ବଲପୁର ମଣ୍ଡଳ କାରାଗାରରେ ରବିବାର ୬ ଦିନିଆ ସ୍ୱତନ୍ତ୍ର ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଫିନାଇଲ , ସରଫ, ଡିଟରଜେଣ୍ଟ, ଲିକ୍ୟୁଡି, ଟମାଟୋ ସସ, ଛତୁ ଉପରେ ୨୮ ଜଣ ଜେଲ ଅନ୍ତେବାସୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅତିଥିଭାବେ ଯୋଗଦେଇ ତାଲିମପ୍ରାପ୍ତ ଅନ୍ତେବାସୀ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହିତ ପରିବାରର ଆର୍ଥିକ ଉନ୍ନତିରେ ସହାୟକ କାମନା କରିଥିଲେ। ସେହିପରି ୨୮ଜଣ ତାଲିମପ୍ରାପ୍ତ ଅନ୍ତେବାସୀଙ୍କୁ ତାଲିମ ପ୍ରମାଣ ପତ୍ର ଦିଆଯାଇଥିଲା। ଅତିଥିମାନେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଜଣେ ଜଣେ ଉଦ୍ୟୋଗୀ ହେବା ପାଇଁ ଶୁଭ କାମନା ଜଣାଇଥିଲେ । ସ୍ୱତନ୍ତ୍ର ଉଦ୍ୟୋଗୀ ପ୍ରଶିକ୍ଷଣରେ ପ୍ରଶିକ୍ଷକ ବିଜୟ କୁମାର ସାହୁ ଓ ଧୀରେନ୍ଦ୍ର କୁମାର ପରିଡା ତାଲିମ ପ୍ରଦାନ କରିଥିଲେ ।



ସ୍ୱତନ୍ତ୍ର ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିରରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

## ଚିନ୍ତନ-ଦୀପକ ଯୋଡ଼ି ଚାମ୍ପିୟନ

**ତୃତୀୟ ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ**

**ଅମରପାଲି,୨୭।୧(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ଚାଲିଥିବା ଦ୍ୱିଦିବସିୟ ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ରାତି ୧ ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁବର୍ଣ୍ଣପୁରର ଚିନ୍ତନ-ଦୀପକ ଯୋଡ଼ି କନ୍ଧମାଳର ଟିଙ୍କୁ ଓ କାହ୍ନା ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ଅନ୍ତିମ ଦିବସରେ ବିଡିଓ ରାଜୀବ ହାଁସଦା, ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥିଭବେ ଯୋଗଦେଇ ମ୍ୟାଚ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କନିଷ୍ଠ ବିଭାଗ ବ୍ୟାଡମିଣ୍ଟନ ପ୍ରତିଯୋଗିତା ବିଜେତା ସୁବର୍ଣ୍ଣପୁରର ଶ୍ରେୟାସିସ ସାହୁ ଓ ମିଳନ ମେହେର ଏବଂ ଉପବିଜେତା ଶ୍ରେୟସ ପ୍ରିୟଦର୍ଶୀ ହୋତା ଓ ଅତୁଲ ପଣ୍ଡାଙ୍କୁ ବିଧାୟକ ଜଗଦଲା ଟ୍ରଫି ପ୍ରଦାନ କରିଥିଲେ। ଏହାପରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ବୀରମହାରାଜପୁର ଉପ ଜିଲାପାଳ ଲଳାଟେନ୍ଦୁ ସି, ସୁବର୍ଣ୍ଣପୁର ଆସିଷ୍ଟାଣ୍ଟ କଲେକ୍ଟର କୃଷ୍ଣ ମୋହନ ସିଂହ ଅତିଥିଭାବେ ଯୋଗଦେଇଥିଲେ। ଗିରିଧାରୀ ହୋତାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ଆସିଷ୍ଟାଣ୍ଟ କଲେକ୍ଟର ନରେନ୍ଦ୍ର କୁମାର ଭୋଇ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ୩୪ଟି ବ୍ୟାଡମିଣ୍ଟନ ଟିମ ଅଂଶଗ୍ରହଣ କରିଥିଲେ। ଗାଲେକ୍ସି ଟିମ ସଭାପତି ଜଗନ୍ନାଥ ମେହେର ଓ ସମ୍ପାଦକ ଜଗନ୍ନାଥ ମେହେର, ସଭ୍ୟ ରାଧାକାନ୍ତ ବାଘ, ଛବିଳ କର୍ଣ୍ଣ, ସତ୍ୟ ବ୍ରତ ପ୍ରଧାନ, ପ୍ରକାଶ ପାତ୍ର, ପ୍ରିୟବ୍ରତ ଜଗଦଲା, ବୃଶକେତୁ ମେହେର, ରମାକାନ୍ତ ମେହେର, ମନୋଜ ଝଙ୍କାର, ମାନସ ମହାକୁର, ଦେବାଶିଷ ପାଣିଗ୍ରାହୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଟିମ ସହିତ ସମସ୍ତ ଖେଳାଳି ଓ ଆୟୋଜକ କମିଟି ସଦସ୍ୟ।

# ସ୍ଥାନୀୟ ନିଯୁକ୍ତି ଦାବିକଲା ଏଏପି

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାରେ ଥିବା ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ଦାବି ଜୋର୍ ଧରିଛି। ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଏକ ପ୍ରତିନିଧି ଦଳ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ରେ ଇଥାନଲ ପ୍ଲାଣ୍ଟ ରହିଥିବାବେଳେ ବରଗଡ଼ ଜିଲାବାସୀଙ୍କୁ କିଛି ସୂଚନା ନ ଦେଇ ଗତ କିଛିଦିନ ତଳେ ଝାଡ଼ଖଣ୍ଡ ରାଞ୍ଚିରେ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା ଏବଂ ସେଥିରେ ଉକ୍ତ ପ୍ଲାଣ୍ଟର ବିଭିନ୍ନ ପଦବୀରେ ୨୦୦ରୁ ଅଧିକ ନିଯୁକ୍ତି ଦିଆଯାଇଛି। ଏଭଳି ନିଯୁକ୍ତି ପ୍ରକ୍ରିୟା ଅସାମ୍ବିଧାନିକ ବୋଲି ଅଭିଯୋଗ କରି ଏଏପି ତାକୁ ରଦ୍ଦ କରି ବରଗଡ଼ରେ ପୁଣିଥରେ ନିଯୁକ୍ତି ପ୍ରକ୍ରିୟା କରାଯାଇ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବାକୁ ଦାବି କରିଛି। ଏଏପିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦଳର ଭଟଲି ବିଧାନସଭା ସଂଯୋଜକ ଶାହରୁଖ ଲୋଧିଆ, ମାରିୟମ ବାର୍ଲା, ସରିତା ସୁନା, ଅବଦୁଲ ଫିରୋଜ, ନିଖିଳ ପାଣିଗ୍ରାହୀ, ମମତା ବେହେରା, ମିଲୁ ନାଗ, ଗୀତା ମଟାରୀ, ଲିଲିମା ରଣା, ଲକ୍ଷ୍ମୀ ପୋଢ଼ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଏଏପି ପ୍ରତିନିଧି ଦଳ।

## ପାର୍ବତୀ ଗିରି ମହିଳା କଲେଜରେ ଯୁବ ଦିବସ



**ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ):** ବରଗଡସ୍ଥିତ ପାର୍ବତୀ ଗିରି ମହିଳା କଲେଜରେ ରେଡ୍‌କ୍ରସ ପକ୍ଷରୁ ଶନିବାର ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷା ରଞ୍ଜିତା ନାୟକ ସଭାପତିତ୍ୱ କରିଥିଲେ। ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡଃ ସଂଘମିତ୍ରା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହାପୁରୁଷଙ୍କ ଜୀବନୀ ପାଠର ଉପାଦେୟତା, ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ତଥା ତାଙ୍କ ଆଧାତ୍ମିକ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ନାୟକ ଯୁବଶକ୍ତିର ସାମର୍ଥ୍ୟ ଏବଂ ଦେଶ ଗଠନରେ ଯୁବଶକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ବିନୋଦିନୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଷୋତ୍ତମ ହାଇସ୍କୁଲର ବାର୍ଷିକୋତ୍ସବ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରୁଚିଦାସ୍ଥିତ ପୁରୁଷୋତ୍ତମ ହାଇସ୍କୁଲର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକଳା ଦେହେରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିତ୍ୟା ଭୋଇ, ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ଜଳନ୍ଧର ପ୍ରଧାନ, ସୁଲଳିତ ପାତ୍ର, ପ୍ରଦୀପ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖେଳ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଦଶମ ଶ୍ରେଣୀ ଛାତ୍ର ଗୋବିନ୍ଦ ତନସନାଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ସମ୍ମାନିତ କରାଯାଇଥିଲା। ବେଷ୍ଟ ଡିସିପ୍ଲିନ ବାଳିକା ବିଭାଗରେ ଅନ୍ନପୂର୍ଣ୍ଣା ପ୍ରଧାନ, ବାଳକ ବିଭାଗରେ ଭୋପେଶ ସାହୁ, ବେଷ୍ଟ ଭଲୁଣ୍ଟିୟର ବାଳିକା ବିଭାଗରେ ସୁଭଦ୍ରା ମେହେର, ବାଳକ ବିଭାଗରେ ଶୁଭମ ପ୍ରଧାନ ଏବଂ ସ୍ପୋର୍ଟ୍ସ ଚାମ୍ପିୟନ ବାଳିକା ବିଭାଗରେ ସୌମ୍ୟାଶ୍ରୀ ଭୁଏ, ବାଳକ ବିଭାଗରେ ଗୋବିନ୍ଦ ତନସନାଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ତନୟା ତନସନା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରଗଣ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ଅମ୍ବାଭୋନା ଥାନା ଅନ୍ତର୍ଗତ ଲୁଦୁପାଲି ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ବାଇକ୍(ନଂ.ଓଡ଼ି୧୭ଜି ୨୦୬୧) ଧକ୍କା ଦେବା ଯୋଗୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣଙ୍କ ହେଲେ ଲୁଦୁପାଲି ଗ୍ରାମର ହୀରା ପାଟିକାର(୮୨)। ସୂଚନା ଅନୁଯାୟୀ, ବୃଦ୍ଧା ଜଣଙ୍କ ରାସ୍ତାରେ ଯାଉଥିବାବେଳେ ଦ୍ରୁତବେଗରେ ଆସୁଥିବା ଉପରୋକ୍ତ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଅମ୍ବାଭୋନା ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୧୨/୨୫) ରୁଜୁ କରିଛି। ଏହି ଘଟଣାରେ ବାଇକ୍ ଚାଳକ ଭଟଲିର ମୀନକେତନ ମେହେରଙ୍କୁ ଗିରଫ କରାଯାଇଛି। ଏହାସହ ବାଇକ୍‌କୁ ଜବତ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଶ୍ୟାମା ମ୍ୟୁଜିକାଲ୍ସର ବାର୍ଷିକୋତ୍ସବ


ବାର୍ଷିକୋତ୍ସବ ସଭାରେ ମଞ୍ଚାସୀନ ଅତିଥିଗଣ।

ବରପାଲି,୨୭।୧(ଚିତ୍ତରଞ୍ଜନ ସାହୁ)

ବରପାଲିର ସାଂସ୍କୃତିକ ଅନୁଷ୍ଠାନ ଶ୍ୟାମା ମ୍ୟୁଜିକାଲ୍ସର ୪୪ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟା ସାଢେ ୬ଟାରେ ପାଳିତ ହୋଇଛି। ଶ୍ୟାମା କ୍ଲବ ପରିସରରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରପାଲି ଅଧକ୍ଷା ରୀନା ଥଇତ ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷ ଦିନେଶ ଗହିର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଅଶୋକ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବାଲ କିଶୋର ଖାଡ଼ଙ୍ଗା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଧୀରେନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ କଳାକାର ରବିନ ଦାସ (ଲୁଲୁ)ଙ୍କୁ ଶ୍ୟାମାଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ରଙ୍ଗୋଲି ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଇସ୍କିନ୍ଦାରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ଝାରବନ୍ଧ,୨୭।୧(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଗୋଠୁଗୁଡା ପଞ୍ଚାୟତ ଇସ୍କିନ୍ଦା ଗ୍ରାମରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ରବିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶ୍ରଦ୍ଧାଳୁମାନେ ନିକଟସ୍ଥ ସଲଡ଼ିହ ନଦୀରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସୋମବାର ଯଜ୍ଞ ପରିସରରେ ଥିବା ଦେବୀ ପ୍ରତିମାଙ୍କ ସହ ସଜଳ ଶ୍ରଦ୍ଧା, ପ୍ରଖର ପ୍ରଜ୍ଞା, ଅଖଣ୍ଡ ଜ୍ୟୋତି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଯଜ୍ଞରେ ପୂଜା, ହୋମ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି। ପ୍ରତ୍ୟହ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି।

## ୧୨ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ: କେନ୍ଦ୍ରାପଡା ଚାମ୍ପିୟନ

ପଦ୍ମପୁର,୨୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡିଆରେ ଚାଲିଥିବା ୧୨ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ କେନ୍ଦ୍ରାପଡା ଦଳ ପଦ୍ମପୁର ଦଳକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଓ କାନୁଟ ସରପଞ୍ଚ ଅଶୋକ ମହାପାତ୍ର, ସମିତି ସଭ୍ୟ ସାବିତ୍ରୀ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଦଳର ହୃଷୀ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ତାଳଚେର ଦଳର ହିମାଂଶୁ ଶେଖର ଧଳଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଉମେଶ, ଦିଲୀପ, ସନମ, ସୁଜିତ ଓ ହନୁ ଅଗ୍ରୱାଲ ଅମ୍ପାୟାର ଥିବାବେଳେ ସନ୍ତୋଷ ଓ ସୁନୀଲ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ସଭାପତି ଗୋକୁଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ପାଇକମାଳ,୨୭।୧(ବଡ ଶତପଥୀ)

ପାଇକମାଳ ବ୍ଲକ ଛେତଗାଁରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ରବିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଛେତଗାଁ ସରପଞ୍ଚ ବନିତା ମହାନନ୍ଦ ଯୋଗଦାନ କରିଥିଲେ। ୪ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ସହ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଯଦୁମଣି ତନସନା ମୁଖ୍ୟ ଅତିଥି, ସମିତି ସଭ୍ୟା ବେଦମତୀ ସରଜାଲ, ଗୁପ୍ତେଶ୍ୱର ପଟେଲ, ନିମାଇଁ ଚରଣ ପ୍ରଧାନ ସମ୍ମାନିତ ଅତିଥି, ପ୍ରଧାନ ଶିକ୍ଷକ ରାଜକୁମାର ସ୍ୱାଇଁ ଓ ମହାଦେବ ବେହେରା ବକ୍ତା ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଲିଙ୍ଗରାଜ ସାହୁ ମଞ୍ଚ ଏବଂ ସୁନ୍ଦରମଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ମହିଳା ତାଲିମ କାର୍ଯ୍ୟକ୍ରମ


ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା।

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଏସ.ବି ଆର୍‌ସେଟିଠାରେ ରବିବାର ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ୩୫ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଚେୟାରମ୍ୟାନ ସି.ଏସ୍ ସେଟି ଏବଂ ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟର ସେକ୍ରେଟାରୀ ଶୈଳେଶ କୁମାର ସିଂ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆରସେଟିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରାରେ ଗଲେ ବରିଷ୍ଠ ନାଗରିକ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ, ବରଗଡ଼ ଶାଖା ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ତୀର୍ଥଯାତ୍ରା କାର୍ଯ୍ୟକ୍ରମ ହୋଇଛି। ସୋମବାର ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ବରଗଡ଼ ଜିଲାର ସରସରା, ଖୁଣ୍ଟପାଲି, ଅମ୍ବାପାଲି, ପଥର୍ଲା, କଟାପାଲି ଆଦି ଆଖପାଖ ଅଞ୍ଚଳର ୬୪ଜଣ ବରିଷ୍ଠ ନାଗରିକ ବସ୍ ଯୋଗେ ତୀର୍ଥଯାତ୍ରାରେ ଶ୍ରୀକ୍ଷେତ୍ରକୁ ଯାଇଛନ୍ତି। ସେହିପରି ମୃତ୍ୟୁ ପରେ ଶରୀର ଦାନ ପାଇଁ ସଂକଳ୍ପ କରିଥିବା ସରସରା ସରପଞ୍ଚ ସୁନୀତା ଭୋଇ, ରଞ୍ଜିତ ବର୍ଗର୍ତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାନେତ୍ରୀ ପ୍ରେମା ଅଗ୍ରୱାଲ, ଗାୟତ୍ରୀ ଲାଠ, ରେଖା ଅଗ୍ରୱାଲ, କିରଣ ଅଗ୍ରୱାଲ, ବିମଳ ରେଖାନୀ, ଉର୍ମିଳା ଅଗ୍ରୱାଲ, ନିଲମ ଅଗ୍ରୱାଲ, ସନ୍ଧ୍ୟା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ସ୍ଥାନୀୟ ବୀରଛକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ବି. ଡୁଙ୍ଗଡୁଙ୍ଗ ଯୋଗଦାନ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ନିର୍ମଳ କର, ପ୍ରଦୀପ ସାହୁ, ଯୋଗେଶ୍ୱର ପ୍ରଧାନ, କୃଷ୍ଣ ପଟ୍ଟନାୟକ, ଦେବୀ ପଟ୍ଟନାୟକ, ରମାକାନ୍ତ ସାହୁ, ପବିତ୍ର ସାହୁ, ପ୍ରସନ୍ନ ପ୍ରଧାନ, ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନର ଆଦର୍ଶ ବଜାୟ ରଖିବାକୁ ଆହ୍ୱାନ





ମୁଖ୍ୟଅତିଥି ବରଗଡ଼ ଜିଲାପାଳ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପ୍ ଛାତ୍ରୀଙ୍କ ଦେଶାତ୍ମବୋଧକ କାର୍ଯ୍ୟକ୍ରମ। ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ପତାକା ଉତ୍ତୋଳନ କରୁଛନ୍ତି।

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ ପଞ୍ଚାୟତ କଲେଜ ପଡ଼ିଆରେ ରବିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲାପାଳ ଗୋୟଲ ନିଜ ଅଭିଭାଷଣରେ କହିଥିଲେ, ସ୍ୱାଧୀନତା ପରଠାରୁ ଭାରତ କୃଷି, ପ୍ରଯୁକ୍ତି ବିଦ୍ୟା, ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ଗମନାଗମନ ଏବଂ ମହିଳା ସଶକ୍ତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତିରେ ବରଗଡ଼ ଜିଲାର ମଧ ଅବଦାନ ରହିଛି। ବର୍ତ୍ତମାନ କିଛି ଚ୍ୟାଲେଞ୍ଜ ପ୍ରତି ଆମେ ଧ୍ୟାନ ଦେବା ଏବଂ ସେଗୁଡ଼ିକ ଦୂର କରିବା ସହିତ ଏକ ପ୍ରଗତିଶୀଳ ସମାଜ ଗଠନ ପାଇଁ ସମସ୍ତେ ଏକତ୍ରିତ ହୋଇ ତ୍ରିରଙ୍ଗା ପତାକା ତଳେ ଶପଥ ନେବା। ସରକାରୀ ସେବକ ତଥା ଜଣେ ଦାୟିତ୍ୱବାନ ନାଗରିକ ଭାବେ ସମସ୍ତେ ସମ୍ବିଧାନରେ ଲିଖିତ ଆଦର୍ଶକୁ ବଜାୟ ରଖିବା ଏବଂ ସମସ୍ତଙ୍କ ପାଇଁ ନ୍ୟାୟ, ସମାନତାକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇ ସମୃଦ୍ଧ ଦେଶ ଗଠନ ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପରେଡ୍‌ରେ ୩୬ଦଳ ସାମିଲ ହୋଇଥିଲେ। ସମାରୋହ ପରେ ଜିଲାପାଳଙ୍କ ସମେତ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ସ୍ଥାନୀୟ କାରାଗାର ଅନ୍ତେବାସୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ।

ସେହିପରି ସିମେଣ୍ଟନଗରସ୍ଥିତ ଏସିସି କ୍ରିଷ୍ଣା ବିକାଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବରଗଡ଼ ସିମେଣ୍ଟ ୱାର୍କ୍ସର ମୁଖ୍ୟ ସୁକାନ୍ତ ସାମନ୍ତ ମୁଖଅତିଥି ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଅଶ୍ୱିନୀ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀ ଅଂଶିକା ବାରିକ ଏବଂ ପ୍ରତୀକ୍ଷା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ସନାତନ ମହାପାତ୍ର ସଭାପତିତ୍ୱ କରିଥିଲେ। ଛାତ୍ରୀ ରାସେଶ୍ୱରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏବଂ ସମ୍ବିଧାନ ପ୍ରଣେତା ଡଃ ବି. ଆର୍. ଆମ୍ବେଡ଼କରଙ୍କ ଜୀବନୀ ଉପରେ ସେ ବକ୍ତବ୍ୟ ରଖିଥିଲେ। ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ରାମ ତୁଳସୀ, ସିନିୟର ସେକେଣ୍ଡାରୀ ବିଭାଗ ଅଧକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧକ୍ଷ ପ୍ରଦୀପ କୁମାର ସାହୁ, ହଷ୍ଟେଲ ପାଷ୍ଟରାଲ କେୟାର ହେଡ୍ ନେଜ୍‌ଲିନ ଫୋନସେକା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରେ ରବିବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ୬ଦଳ ପରେଡ୍ ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଯଶସ୍ୱୀ ସମ୍ପର୍ଣ୍ଣ ପତି, ଦେବାଶିଷ ମିଶ୍ର, ଆୟୁଷ୍ମାନ ପଟ୍ଟନାୟକ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଦେବାଶିଷ ମିଶ୍ର ପ୍ରଥମ, ସ୍ନେହାରାଣୀ ଚିରଗୁନ୍ ଦ୍ୱିତୀୟ ଏବଂ ସତ୍ୟମ ସାହୁ ତୃତୀୟ ହୋଇଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ୍ ମେଣ୍ଟର ପରେଡ୍ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡିନ୍ (ଛାତ୍ର କଲ୍ୟାଣ) ଆର.ଏସ.ଭି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରପାଲି ହାଇସ୍କୁଲ୍ ଖେଳ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ରୀନା ଥଇତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏନ୍‌ଏସି ଅଧକ୍ଷ ଦିନେଶ ଗହିର, ବରପାଲି ତହସିଲଦାର ରୁକ୍ମଣ ମେହେର, ବିଡିଓ ସୁମନ୍ତ କୁମ୍ଭାର , ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଥାନାଧିକାରୀ ପୂର୍ଣ୍ଣିମା ତିର୍କୀ, ବିଇଓ ମୁକୁନ୍ଦ ମହରା, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାଏକ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

**ପାଇକମାଳ (ବଡ ଶତପଥୀ):** ପାଇକମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା ଭାବନା ସିଂହ, ହୃଦାନନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ସୋହେଲା(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜାତୀୟ ଦିବସ ପାଳନ କମିଟି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବିଡ଼ିଓ ସୁରେନ୍ଦ୍ର ମେହେର, ଡାକ୍ତର ଶିଶିର କୁମାର ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟ , ଅଶ୍ୱିନୀ କୁମାର ପାତ୍ର ମଞ୍ଚାସୀନ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର, ସୋହେଲା ପିଇଓ ଅଧିକାରୀ ଲକ୍ଷ୍ମୀକାନ୍ତ ମିର୍ଦ୍ଧା, ଅନିଲ ପଧାନ ସହଯୋଗ କରିଥିଲେ। ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟରେ ୭୬ ତମ ବ୍ଲକସ୍ତରୀୟ ଗଣତନ୍ତ୍ର ଦିବସ ମିନି ଷ୍ଟାଡିୟମରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ୪ଟାରୁ ଡାକବାଜି ଯନ୍ତ୍ର ରାମଧୂନ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇଥିଲା। ଆୟୋଜିତ ଉତ୍ସବରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ, ବିଡିଓ ଲକ୍ଷ୍ମଣ ମାଝୀ, ଆଇଆଇସି ପ୍ରଶାନ୍ତ କୁମାର ସାମଲ, ଅତିରିକ୍ତ ତହସିଲଦାର ସଙ୍ଗୀତା ବଡେଇ, ୟୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ସରପଞ୍ଚ ଶରତ କାଲୋ, ଅମ୍ବିକା ପ୍ରସାଦ ତ୍ରିବେଦୀ ପ୍ରମୁଖ ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମାରେ ପୁଷ୍ପମାଲ୍ୟ ଅର୍ପଣ କରି ଅଭିବାଦନ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ଯୁବକ ମୃତ

ଅମରପାଲି,୨୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମର ନୀତେଶ ସିକା (୨୬)ଙ୍କର ଏକ ବାଇକ ଦୁର୍ଘଟଣାରେ ରବିବାର ମୃତ୍ୟୁ ଘଟିଛି । ସେ ଏକ ବୁଲେଟରେ ଯାଉଥିବା ବେଳେ ନିକଟସ୍ଥ ବାଘମାରିଠାରେ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଧକ୍କା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ ପୂର୍ବକ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ନୀତେଶଙ୍କ ପିତା ଲକ୍ଷ୍ମଣ ସିକାଙ୍କ ୨ ବର୍ଷ ତଳେ କିଡ଼ନୀ ଜନିତ ରୋଗରେ ମୃତ୍ୟୁ ଘଟିଥିଲା।

### ଦୁଇ ବାଇକ ଧକ୍କା, ୪ ଆହତ

ବାଉଁଶୁଣୀ, ୨୭।୧(ଦେବାଶିଷ ନେପାକ)

ରବିବାର ସନ୍ଧ୍ୟା ୬ଟା ୩୦ରେ ଜାତୀୟ ରାଜପଥ ୫୭ର ବାଉଁଶୁଣୀ ଥାନା ଦନ୍ତାପାଲି ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ଓ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି । ବାଉଁଶୁଣୀ ଥାନା ସାହୁପଡା ଗ୍ରାମର ହୃଷିକେଶ ରଣା ଓ କଦଳୀଗଡ ନିକଟ ସାମସିଂହା ଗ୍ରାମର ସୁରଥ ରଣା ଏକ ବାଇକ ଯୋଗେ ସୋନପୁର ପଟୁ ସାହୁପଡାକୁ ଆସୁଥିବା ବେଳେ ବାଉଁଶୁଣୀ ଗଡ ଭିତର ଗ୍ରାମର କେସନ ପେରା ଓ ସୁବଳୟା ଥାନା ବିକଳପୁର ଗ୍ରାମର ଲକ୍ଷ୍ମଣ ବାଦୀ ଅନ୍ୟ ଏକ ବାଇକରେ ବୌଦ୍ଧ ପଟୁ ବାଉଁଶୁଣୀ ଫେରୁଥିବାବେଳେ ଦନ୍ତାପାଲି ଗ୍ରାମ ନିକଟରେ ଉଭୟ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଏକ ଅଟୋ ଯୋଗେ ବାଉଁଶୁଣୀ ଡାକ୍ତରଖାନା ପଠାଇ ଥିଲେ । ପ୍ରାଥମିକ ଚିକିତ୍ସା ପରେ କେସନ ପେରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଡାକ୍ତରଖାନାରୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଖୁଣ୍ଟିଗୋରା, ୨୭।୧ ( ମକରନ୍ଦ ସାହୁ )

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ସମାଜର ସଭାପତି ନାଗର ଚରଣ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଆଡ଼େର ଗାଁ ସୁନାଦେଇ ଜଙ୍ଗଲରୁ ପିଆଶାଳ ଗଛ ଆଣି ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ଦିଗାମ୍ବର ସାହୁ ଓ ଭୁଲେଶ୍ୱରୀ ସାହୁ କର୍ତ୍ତା ଦାଇତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଣ୍ଟ,ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନିରେ ଖୁଣ୍ଟି ଗୋରା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ କେଦାର ସାହୁ, ଲମ୍ବଧର ବେହେରା, ସୁବୋଧ ସାହୁ, ସୁନିଲ ସାହୁ, ଟିଙ୍କୁ ବେହେରା, ଆଶିଷ ସାହୁ ଏବଂ ଶୌଣ୍ଡିକ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭୁବନେଶ୍ୱର ବାପୁଜୀ କ୍ଲବ ଚାମ୍ପିୟନ

## ସର୍ବଭାରତୀୟ ଲାଲମନି କ୍ରିକେଟ୍ ଉଦ୍‌ଯାପିତ

ସୋନପୁର,୨୭।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟା ୫ଟା ୪୫ରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ବାପୁଜୀ କ୍ଲବ ଓ ସୁନ୍ଦରଗଡ ନବଜୀବନ କ୍ଲବ ମଧ୍ୟରେ ହୋଇଥିଲା। ବାପୁଜୀ କ୍ଲବ, ନବଜୀବନ କ୍ଲବକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଟି ୨୦ମାଚ୍‌ରେ ଭୁବନେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ରାକେଶ ପଟ୍ଟନାୟକଙ୍କ ୬୭ରନ, ସୟଦ୍ ଜାକିରଙ୍କ ଅପରାଜିତ ୩୫ରନ ଓ ଶ୍ରେଷ୍ଠ ସାଗରଙ୍କ ୨୫ରନ ସହାୟତାରେ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୭ଉଇକେଟ୍ ବିନିମୟରେ ୧୬୭ ରନ କରିଥିଲେ। ସୁନ୍ଦରଗଡର ବ୍ରିଜେଶ ଶର୍ମା ୩ଟି, ପବନ ମହାତୋ ୨ଟି, ସୌଭାଗ୍ୟ ରାଉତ ଓ ସୌମ୍ୟ ଲେଙ୍କା ଉଭୟ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ସୁନ୍ଦରଡ ଦଳ ସମସ୍ତ ଉଇକଟ୍ ହରାଇ ୧୫୨ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ରାହୁଲ ରେଢ୍ଡି ସର୍ବାଧିକ ୩୪ରନ, ୱାଲଟର ଟୋପ୍ପୋ ୧୯ରନ, ପ୍ରବୀଣ



ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ସୌରଭ ତିୱାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଲୁହା ୧୭ରନ ଓ ପ୍ରିନ୍ସ ସିଂହ ୧୪ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର ପକ୍ଷରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୪ଟି, ପ୍ରୟାସ ସିଂହ ୩ଟି ଓ ପ୍ରଦୀପ ପ୍ରଧାନ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ।

ଟି ୧୦ ମ୍ୟାଚ୍‌ରେ ବାପୁଜୀ କ୍ଲବ ଶୁଭମଙ୍କ ୩୯ରନ, ଶ୍ରେଷ୍ଠ ସାଗରଙ୍କ ୩୦ରନ, ସୟଦ ଜାକିରଙ୍କ ୧୭ରନ ସହାୟତାରେ ୫ଉଇକେଟ୍ ବିନିମୟରେ ୧୧୧ରନ ସଂଗ୍ରହ କରିଥିଲା। ସୁନ୍ଦରଗଡ ପକ୍ଷରୁ ସୌଭାଗ୍ୟ ରାଉତ ୨ଟି, ସୌମ୍ୟ ଲେଙ୍କା ଓ ବ୍ରିଜେଶ ଶର୍ମା ପ୍ରତ୍ୟେକ ୧ଟି କରି ଉଇକେଟ୍ ଅକ୍ତିଆର କରିଥିଲେ। ୧୧୨ରନ ବିଜୟ ଲକ୍ଷ୍ୟର ପିଛା କରି ସୁନ୍ଦରଗଡ ଦଳ ମାତ୍ର ୭୬ରନରେ ସୀମିତ ରହିଥିଲା। ଭୁବନେଶ୍ୱର ପକ୍ଷରୁ ରାକେଶ ପଟ୍ଟନାୟକ, ସୁଶିଲ ବାରିକ୍ ଓ ପ୍ରଦୀପ ପ୍ରଧାନ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଉଭୟ ଫର୍ମାଟରେ ମ୍ୟାଚ ଜିତି ଭୁବନେଶ୍ୱର ବାପୁଜୀ କ୍ଲବ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବାପୁଜୀ କ୍ଲବର ରାକେଶ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ଗୌରବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୁନ୍ଦରଗଡର ବ୍ରିଜେଶ ମିଶ୍ର ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ସାଗରଙ୍କୁ ଶ୍ରେଷ୍ଠ ଉଇକେଟ୍ ରକ୍ଷକ, ପ୍ରୟାସ ସିଂ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଓ କ୍ଷମାସାଗର ବଳ ମୂଲ୍ୟବାନ ଖେଳାଳି ପୁରସ୍କାର ହାସଲ କରିଥିଲେ। ସୋନପୁରର ବରୁଣ ଦାସଙ୍କୁ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ସୌରଭ ତିୱାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଓଡିଶା କ୍ରିକେଟ୍ ସଂଘ(ଓସିଏ)ର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଓସିଏର କାର୍ଯ୍ୟକାରୀ ପରିଷଦ ସଭ୍ୟ ଧୀରେନ ପଲେଇ ଓ ଓସିଏର ପ୍ରାକ୍ତନ ଯୁଗ୍ମ ସମ୍ପାଦକ ମେହେତାବ ଖାନ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦୀପ ସେଠୀ ବିବରଣୀ ପାଠ କରିଥିଲେ। ସଂଘର ଉପସଭାପତି ବି ସତ୍ୟନାରାୟଣ ରାଓ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ବିନିକା, ୨୭।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ, ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୪ ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୩୪ ଏବଂ ୧୦ଟି ସାମୂହିକ ଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସିଂଘିଯୁବା ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗ ତପନ କୁମାର ଶର୍ମାଙ୍କୁ ଅତିରିକ୍ତ ଜିଲାପାଳ ମାଝୀ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ପଲ୍ଲବୀରାଜ ରାଣୀ, ମୁଖ୍ୟ ଜିଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ର ଦେବ ରାଉତ, ପିଡି ଜଳଛାୟା ଦେବରାଜ ଦାସ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ବ୍ଲକ ଉପାଧକ୍ଷ୍ୟ ନିର୍ମଳ ସାଣ୍ଡ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂହ, ତହସିଲଦାର ବିନିକା ସୀତାରାମ ଭୋଇ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ


ଜିଲାପାଳ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବୌଦ୍ଧ, ୨୭।୧(ଅଜିତ କୁମାର ବାରିକ)

ବୌଦ୍ଧରେ ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ଜିଲାପାଳ ପଣ୍ଡା ଜିଲାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଗୁଆ ରହିଥିବା ବେଳେ ବୌଦ୍ଧ ଜିଲାରେ ଚଳିତ ନିର୍ବାଚନ ପରିଚାଳନାରେ ଓ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ ହୋଇଥିବା ମତବ୍ୟକ୍ତ କରିଥିଲେ। ଏହା ସହ ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା ବୋଲି କହିବା ସହ ସମସ୍ତେ ମିଳିମିଶି କାର୍ଯ୍ୟ କଲେ ଜିଲାର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା ଯୋଗଦେଇ ପରେଡରେ ମଧ୍ୟ ଅଭିବାଦନ ଗ୍ରହଣ କରିଥିଲେ। ଏହି ଜାତୀୟ ଉତ୍ସବ ଅବସରରେ ଆଇଆରବି ୫ମ ବାଟାଲିୟନ, ଜିଲା ପୋଲିସ ଓ ଗୃହରକ୍ଷୀ ବାହିନୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନଗୁଡିକରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯିବାପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା। ଜିଲା କୋର୍ଟ ପରିସରରେ ଜିଲାଦୌରାଜଜ ପ୍ରତାପ କୁମାର ପାତ୍ର, ଜିଲା ଓକିଲ ସଂଘ ପରିସରରେ ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ସହରର ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖୁବ୍‌ଶୀଘ୍ର ବିନିକା ପାଇବ ସବ୍‌ଡିଭିଜନ ମାନ୍ୟତା

ବିନିକା, ୨୭।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ କଲେଜ ପଡିଆରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ଆଗାମୀ ଦିନରେ ହେବାକୁ ଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହିତ ବିନିକାକୁ ସବ୍‌ଡ଼ିଭିଜନ ମାନ୍ୟତା ପ୍ରଦାନ ଓ ସୋନପୁର-ସମ୍ବଲପୁର ରେଳ ଲାଇନ ସଂଯୋଗ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ସେ କହିଥିଲେ । ସହରାଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ନିଜ କଳା ପ୍ରଦର୍ଶନ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ହୋଇଥିବା ଦଳମାନଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ନୂଆଦିଲ୍ଲୀ ଭାରତ ମଣ୍ଡପମଠାରେ ଆୟୋଜିତ ଏକ ରାଷ୍ଟ୍ର ଏକ ଶିକ୍ଷା ଉପରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ସମ୍ମାନୀତ ହୋଇଥିବା ସୁବର୍ଣ୍ଣପୁର ଜିଲା ସିଲାଟି ଗ୍ରାମର ଶିକ୍ଷାବିତ୍ ଜୟାନନ୍ଦ ପାଣିଗ୍ରାହୀଙ୍କ ଝିଅ ସଂସ୍କୃତି ସଞ୍ଚାଳିକା ପାଣିଗ୍ରାହୀଙ୍କୁ ସମ୍ମାନୀତ କରାଯାଇଥିଲା । ସମ୍ମାନୀତ ଅତିଥିଭାବେ ତହସିଲଦାର ସୀତାରାମ ଭୋଇ, ବିଡିଓ ମଣ୍ଟୁ ଖୁଣ୍ଟିଆ, ଉପାଧାକ୍ଷା ତପସ୍ୱିନୀ ମେହେର, ସମସ୍ତ କାଉନସିଲର ଯୋଗଦେଇଥିଲେ ।

# ଓଡ଼ିଆ ଲିପି ଗଠନରେ ସୁବର୍ଣ୍ଣପୁରର ଭୂମିକା ମହତ୍ତ୍ୱପୂର୍ଣ୍ଣ



ଆଲୋଚନାଚକ୍ରରେ ଅତିଥି ଓ ଆଲୋଚକମାନେ।

ସୋନପୁର,୨୭।୧(ମୃତ୍ୟୁଞ୍ଜୟ ଶତପଥୀ)

ଐତିହ୍ୟର ସଂରକ୍ଷଣ ପାଇଁ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକ ସୋନପୁର ଶାଖା ତରଫରୁ ଏକ ଐତିହ୍ୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁରର ଶିଳାଲେଖ ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନାରେ ବକ୍ତାଭାବେ ବିଶିଷ୍ଟ ଐତିହାସିକ ସୁଦାମ ନାଏକ ଯୋଗଦେଇ ଓଡ଼ିଆ ଲିପି ଗଠନରେ ସୁବର୍ଣ୍ଣପୁରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଖମ୍ଭେଶରୀ ଶିଳାଲେଖ ସମେତ ସୁବର୍ଣ୍ଣପୁରର ବିଭିନ୍ନ ଶିଳାଲେଖ

### ସୁବର୍ଣ୍ଣପୁରର ଶିଳାଲେଖ ଶୀର୍ଷକ ଆଲୋଚନାଚକ୍ର

ଉପରେ ନାଏକ ଆଲୋଚନା କରିଥିଲେ। ଐତିହାସିକ ଡ଼. ସନ୍ତୋଷ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ସାହିତ୍ୟିକ ଆର୍ତ୍ତତ୍ରାଣ ବାବୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନଭାବେ ଇନଟାକର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସିଦ୍ଧାର୍ଥ କୁମାର ଅଗ୍ରୱାଲ ଏବଂ ଦେବକୀନନ୍ଦନ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭରେ ଇନଟାକର ଆଜୀବନ ସଦସ୍ୟ ସ୍ୱର୍ଗତ ସୁରେନ୍ଦ୍ର ମେହେରଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଚିତ୍ତରଞ୍ଜନ ତରାସିଆ, ପ୍ରଦୀପ ମିଶ୍ର, ସିତାଂଶୁ ମିଶ୍ର, ବ୍ରତାନନ୍ଦ ଭୋଇ, ବିଭୂତି ଓତା, ଡଃ. ସୌରଭ ରଞ୍ଜନ ଖମାରୀ ଆଲୋଚନାରେ ଭାଗ ନେଇଥିଲେ। ଇନଟାକ ସୋନପୁର ଚେପ୍ଟରର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନ ଏବଂ ସଂଯୋଜନାରେ ଆୟୋଜିତ ଏହି ସଭାରେ ସହ ଆବାହକ ବନମାଳିପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲେଟ୍-ବାଇକ୍ ଧକ୍କା, ଜଣେ ମୃତ

ବାଉଁଶୁଣୀ, ୨୭।୧(ଦେବାଶିଷ ନେପାକ)

ଜାତୀୟ ରାଜପଥ ନଂ୫୭ର ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବହିରା ହାଇସ୍କୁଲ ଛକ ନିକଟରେ ରବିବାର ଅପରାହ୍ନ ୪ଟା ୩୦ରେ ଏକ ବୁଲେଟ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଛି ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହରିଡ଼ାପାଲି ଗ୍ରାମର ସତ୍ୟରଞ୍ଜନ ନାୟକ (୩୨)। ମିଳିଥିବା ସୂଚନା ଅନୁଯାୟୀ ମନମୁଣ୍ଡା ଥାନା ଶୁଆପାବୁଲି ଗ୍ରାମର ନାଗେଶ୍ୱର ପୋଢ ବୌଦ୍ଧ ପଟରୁ ବାଉଁଶୁଣୀ ଆଡକୁ ବୁଲେଟ ଯୋଗେ ଯାଉଥିବାବେଳେ ଖାରମୁଣ୍ଡା ପଟୁ ହରିଡ଼ାପାଲି ଗ୍ରାମର ସତ୍ୟରଞ୍ଜନ ଓ ବ୍ରାହ୍ମଣୀପାଲି ପଞ୍ଚାୟତ ବକପାଲି ଗ୍ରାମର ମିଳନ ବାଘ ବାଇକରେ ଆସୁଥିବାବେଳେ ଧକ୍କା ହୋଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସତ୍ୟରଞ୍ଜନଙ୍କୁ ବୁର୍ଲା ପଠାଯାଉଥିବାବେଳେ ମୃତ୍ୟୁ ଘଟିଥିଲା।

# ପ୍ରଥମ ଥର ଚାଷୀମାନେ କଲେ ପରେଡ

ଅମରପାଲି,୨୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ଜନତା ଓ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ପ୍ରଥମ ଥର ପାଇଁ ଉତ୍ସବରେ ଏକ ଚାଷୀ ଦଳ ମଧ୍ୟ ପରେଡରେ ଅଂଶଗ୍ରହଣ କରିଥିବା

### ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ

ଦେଖିବାକୁ ମିଳିଥିଲା। ସମ୍ଭବତଃ ରାଜ୍ୟ ତଥା ଦେଶରେ ଏହା ପ୍ରଥମ ବୋଲି କୁହାଯାଉଛି। ୩୫ଜଣ ଚାଷୀ ଧଳାରଙ୍ଗର ଧୋତି, କୁର୍ତ୍ତା, ଟୋପି ଓ ଜୋତା ପରିଧାନ କରି ପରେଡରେ ଭାଗ ନେଇଥିଲେ। ଚାଷୀମାନେ ଜୟ ଯବାନ, ଜୟ କିଷାନ ନାରା ଦେଇଥିଲେ। କିଷାନ ଦେହୁରୀ ଚାଷୀ ଟିମର କମାଣ୍ଡର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ଏକ ପ୍ରଜ୍ଞାପନ ମେଢ ପରିକ୍ରମା କରିଥିଲା। ପରେଡରେ ୩୫ଟି ଦଳ ଅଂଶଗ୍ରହଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ଓ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଉତ୍ସବରେ ନନ୍ଦକିଶୋର ମିଶ୍ରଙ୍କୁ ଶ୍ରେଷ୍ଠ ସାମ୍ବାଦିକଭାବେ ପୁରସ୍କୃତ କରାଯାଇଥିଲା।



ବୀରମହାରାଜପୁରରେ ଚାଷୀମାନେ ପରେଡ କରୁଛନ୍ତି।

# ଚାଷୀ, ମହିଳାଙ୍କ ସମୃଦ୍ଧିରେ ପ୍ରଗତି

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ସୋନପୁର,୨୭।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଓ ଗଡଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଅବଦାନକୁ ମନେ ପକାଇ ଥିଲେ। ଚାଷୀ, ମହିଳାଙ୍କ ସମୃଦ୍ଧିରେ ହିଁ ରାଜ୍ୟର ପ୍ରଗତି ସମ୍ଭବ। ରାଜ୍ୟର ମୋହନ ସରକାର ସେ ଦିଗରେ କାମ କରୁଥିବା ମନ୍ତ୍ରୀ କହିଥିଲେ। ଦେଶର ସମ୍ବିଧାନକୁ ସମ୍ମାନ ଦେବା, ଚାଷୀ, ଶ୍ରମିକ, ମହିଳା ଓ ସମାଜର ସବୁବର୍ଗର ବିକାଶ ହିଁ ପ୍ରକୃତ ଗଣତନ୍ତ୍ର। ସୁବର୍ଣ୍ଣପୁର କୃଷି, ହସ୍ତତନ୍ତରେ ସଫଳତା ପାଇଥିବା ବେଳେ କଳା, ସଂସ୍କୃତି କ୍ଷେତ୍ରରେ ବେଶ ସମୃଦ୍ଧ। ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ସୁବର୍ଣ୍ଣପୁର ଗଠନ କରିବାକୁ ସେ


ସୁବର୍ଣ୍ଣପୁରରେ ମନ୍ତ୍ରୀ ରବି ନାରାୟଣ ନାଏକ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ଆହ୍ୱାନ ଦେଇଥିଲେ। ଏହି ଅବସରରେ ସରକାରଙ୍କ ମହିଳାଙ୍କ ସମୃଦ୍ଧି ପାଇଁ ସୁଭଦ୍ରା ଯୋଜନା, ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ, ଜଳସେଚନ ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ।

ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ଗାନ କରାଯିବା ସହ ସହରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ଯୁବକ ସଂଘ, ବରିଷ୍ଠ ନାଗରିକ, ଜିଲା ବ୍ୟବସାୟୀ ସଂଘ, ବାପୁଜୀ କ୍ଲବ ଏବଂ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଥିବା ବରପୁତ୍ରଙ୍କୁ ମାଲ୍ୟାର୍ପଣ କରା ଯାଇଥିଲା। ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଉପଜିଲାପାଳ ଡ. ସୌମ୍ୟାରୂପା ରଥଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ପରେଡ କମାଣ୍ଡର ଆରଆଇ କାହ୍ନୁଚରଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ, ଏନ୍‌ସିସି, ସ୍କାଉଟ୍ସ ଏଣ୍ଡ ଗାଇଡ୍ସ, ରେଡକ୍ରସ ଦଳ ଓ ଅଣ ଏନ୍‌ସିସି ଦଳ ଗୁଡିକ ମିଶି ମୋଟ ୪୨ଟି ଦଳ ପରେଡ୍‌ରେ ଭାଗ ନେଇଥିଲେ। ପରେଡ୍‌ରେ ଅଂଶଗ୍ରହଣ କରିଥିବା ୧୨ଟି ଦଳକୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ଚାଷୀ, ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ବୁଣାକାର, ରକ୍ତଦାତା, ଶ୍ରେଷ୍ଠ କୃଷକ ସାଥୀ, ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରିଥିଲେ। ଦିବସ ପାଳନ ଅବସରରେ ନାରାୟଣ କୁଷ୍ଠ ସେବାଶ୍ରମ, ଉତ୍କଳ ବାଳାଶ୍ରମ, ସୋନପୁର ଉପକାରାଗାର, ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ମନ୍ତ୍ରୀ ୯୩ଟି ଅମୃତ ସରୋବର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୨ଟି ବନ ସୁରକ୍ଷା ସମିତି କୋଠା ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନୂତନ ଟାଉନ ହଲ ଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୂର୍ବତନ ଭାରୋତ୍ତୋଳନକାରୀ ଶଶୀଭୂଷଣ ଦାସଙ୍କ ପରଲୋକ

ରାଉରକେଲା,୨୭।୧(ସଙ୍ଗୀତା ଜେନା)

ରାଉରକେଲାର ପୂର୍ବତନ ଭାରୋତ୍ତୋଳନକାରୀ ଶଶୀଭୂଷଣ ଦାସଙ୍କ ରବିବାର ସନ୍ଧ୍ୟା ସାଢ଼େ ୮ଟାରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୫୬ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଦାସ ୧୯୯୨ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟ ତଥା ଆନ୍ତଃ ଇସ୍ପାତ ପ୍ରତିଯୋଗିତାରେ ବହୁ ପଦକ ହାସଲ କରି ରାଉରକେଲାକୁ ଗୌରାବାନ୍ୱିତ କରିଥିଲେ। ସୁନ୍ଦରଗଡ଼ ଜିଲା ଖେଳକୁଦ ସଂଘ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଦୁର୍ଗାମାଧବ ନାୟକ, ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ, ଜିଲା ଭାରୋତ୍ତୋଳନକାରୀ ସଂଘ ସମ୍ପାଦକ ବାସୁଦେବ ବାନାର୍ଜୀ, ରାୟମା କ୍ଲବର ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ଅରବିନ୍ଦ ନାୟକ, ବାବୁ ଭୂତିଆ, ବିଜୟ ରାଉଳ, ସମିତା ବାରିକ, ନିକୁଳ ଶର୍ମା, ସୌମ୍ୟରଞ୍ଜନ ମହାନ୍ତି, ରାହୁଲ ସାହୁ, ଶିବରାମ ପଣ୍ଡା, ଗୋପୀନାଥ ପଣ୍ଡାଙ୍କ ସମେତ ବହୁ କ୍ରୀଡ଼ାବିତ୍ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଟିସିଆଇ-ଆଇଡିସି ରାସ୍ତା ମରଣଯନ୍ତା

ରାଉରକେଲା,୨୭।୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଟିସିଆଇ-ଆଇଡିସିକୁ ଯାଇଥିବା ୩ କି.ମି ରାସ୍ତା ମରଣଯନ୍ତା ପାଲଟିଛି। ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ୧୦ବର୍ଷ ହେଲା ଏହି ରାସ୍ତାର ଉନ୍ନତୀକରଣ ପାଇଁ ଆର୍‌ଏମ୍‌ସିରେ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ତ ଦୂର କଥା ରାସ୍ତାରେ ବାଲି ମୁଠାଏ ପକାଯାଇନାହିଁ। ଏହି ରାସ୍ତା ସଂଲଗ୍ନ ଅନେକ ଛୋଟ ବଡ ଉଦ୍ୟୋଗ ରହିଛି। ଫଳରେ ମାଲବାହୀ ଯାନବାହନ ଯାତାୟାତ ପାଇଁ କାମଚଳା ଭାବେ ରାସ୍ତାକୁ କେବଳ ସମତୁଲ କରି ଛାଡି ଦିଆଯାଇଛି। ବିଶେଷ ଭାବେ ରାତ୍ରି ସମୟରେ ଏହି ରାସ୍ତାରେ ଯାନବାହନ ଚଳାଇବା ଲୋକଙ୍କ ପାଇଁ କାଳ ସାଜୁଛି। ବିଭିନ୍ନ ଉଦ୍ୟୋଗକୁ ଯିବାଆସିବା କରୁଥିବା ମାଲବାହୀ ଯାନବାହନର ଧୂଳିଗୁଣ୍ଡରେ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଳି ଓ ପାଉଁଶମୟ ହେଉଛି। ଫଳରେ ଏହି ରାସ୍ତାରେ ଦୋକାନ କରିଥିବା ବ୍ୟବସାୟୀମାନଙ୍କ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଏଥିସହ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।



ଶୋଚନୀୟ ହୋଇପଡିଥିବା ଟିସିଆଇ-ଆଇଡିସି ରାସ୍ତା।

ପ୍ରକାଶ ଥାଉକି, ଟିସିଆଇ-ଆଇଡିସି ରାସ୍ତା ଦେଇ ଲୋକମାନେ ବିଭିନ୍ନ ଉଦ୍ୟୋଗକୁ ଦୈନିକ ଯାଆସ କରନ୍ତି। ଏଥିସହ ଏହି ବାଇପାସ୍ ରାସ୍ତାରେ ମଇଳା ପୁନଃଚକ୍ରଣ ଉଦ୍ୟୋଗ, ସ୍କୁଲ ରହିଥିବାରୁ ଦୈନିକ ଛୋଟବଡ ଯାନବାହନ ମଧ୍ୟ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ନିଜର ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ମାତ୍ର ପରିତାପର ବିଷୟ ଦୀର୍ଘବର୍ଷ ହେଲା ମରାମତି ଅଭାବରୁ ଉକ୍ତ ୩କିମି ରାସ୍ତା ମରଣଯନ୍ତା ହୋଇଥିବାବେଳେ ମରାମତି କରାଯାଉନାହିଁ। ଏ ନେଇ ଟିସିଆଇର ବାସିନ୍ଦା ଛୋଟୁ ଭୂମିଜ କୁହନ୍ତି, ଦୀର୍ଘବର୍ଷ ହେଲା ଟିସିଆଇ-ଆଇଡିସି ରାସ୍ତା ମରାମତି ହେଉନାହିଁ। ଭାରିଯାନ ଯାତାୟାତ କରିବା ଯୋଗୁ ଅଞ୍ଚଳ ଧୂଳିମୟ ହେଉଛି। ଯାହାର ପ୍ରଭାବ ସିଧାସଳଖ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି ବୋଲି ଭୂମିଜ କୁହନ୍ତି। ଟିସିଆଇ ଆଇଡିସି ବାଇପାସ ରାସ୍ତା ଫର୍ସାଟୋଲି ହୋଟେଲର ଲକ୍ଷ୍ମୀ ସା କୁହନ୍ତି, ଏହି ରାସ୍ତା ଦୀର୍ଘ ବର୍ଷେ ହେଲା ମରାମତି ହେଉନାହିଁ। ଫଳରେ ଶୀତ ଏବଂ ଗ୍ରୀଷ୍ମ ସମୟରେ ଧୂଳି ଓ ବର୍ଷା ସମୟରେ କାଦୁଅ ପାଣି ଦୋକାନରେ ପଶୁଛି। ଏଥିସହ ଏହି ରାସ୍ତାରେ ଥିବା ଉଦ୍ୟୋଗ ଗୁଡିକ ପକ୍ଷରୁ ରାସ୍ତାରେ ନିୟମିତ ପାଣି ସିଞ୍ଚନ ହେଉନାହିଁ। ଫଳରେ ଏହାର ପ୍ରଭାବ ଦୋକାନ ଉପରେ ପଡୁଛି ବୋଲି ସା କହିଥିଲେ। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଟିସିଆଇ-ଆଇଡିସି ୩ କିମି ବାଇପାସ୍ ରାସ୍ତା ଖରାପ ହୋଇପଡିଛି। ଏହାର ଉନ୍ନତୀକରଣ ପାଇଁ ଖୁବ୍‌ଶୀଘ୍ର ପ୍ରସ୍ତାବ ଗ୍ରହଣ କରାଯିବ। ଆଗକୁ ରାସ୍ତା ଯେଭଳି ସୁଗମ ହେବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ୪୦ବର୍ଷ ଧରି ଜାତୀୟ ଦିବସର ବାର୍ତ୍ତା ବାଣ୍ଟୁଛନ୍ତି ବିନୋଦ

ରାଉରକେଲା,୨୭।୧(ସଙ୍ଗୀତା ଜେନା)

ଦୀର୍ଘ ୪୦ବର୍ଷ ହେଲା ଭାରତୀୟ ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସର ମହନୀୟ ବାର୍ତ୍ତା ବାଣ୍ଟୁଛନ୍ତି ରାଉରକେଲାର ରଙ୍ଗମିସ୍ତ୍ରୀ ବିନୋଦ ପଣ୍ଡା(୫୫)। ଏହି କ୍ରମରେ ସେ ଏହି ଦୁଇ ଦିବସ ପାଳନ ସକାଶେ ସ୍କୁଟରରେ ତ୍ରିରଙ୍ଗା ପତାକା ଲଗାଇ ରାଉରକେଲା ସହର ପରିକ୍ରମା କରନ୍ତି। ଛକ, ରାସ୍ତାଘାଟ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକଙ୍କୁ ଏହି ଦିବସ ବିଷୟରେ ମଧ୍ୟ ସଚେତନ କରନ୍ତି। ପ୍ଲାଣ୍ଟସାଇଟ୍ ପାର୍କିଂ ସମ୍ମୁଖରେ ରହୁଥିବା ବିନୋଦ କୁହନ୍ତି, ସେ ରଙ୍ଗ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଦେଶପ୍ରେମ ଜାହିର କରିବାକୁ ସେ ପ୍ରଥମେ ତାଙ୍କ ସ୍କୁଟରକୁ ତ୍ରିରଙ୍ଗାରେ ପେଣ୍ଟିଂ କରିଥିଲେ। ପରେ ଏହି ପବିତ୍ର ଦିବସ ଅବସରରେ ଲୋକଙ୍କୁ ଶାନ୍ତି, ମୈତ୍ରୀ ଓ ଭାଇଚାରା ସନ୍ଦେଶ ବାର୍ତ୍ତା ଦେବାକୁ ଚିନ୍ତା କରିଥିଲେ। ଅଳ୍ପ ସମ୍ବଳ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହି ତପସ୍ୟାରୁ କେବେ ଓହରି ନ ଥିବା ବିନୋଦ କହିଛନ୍ତି।



ସେକ୍ଟର-୪ ଆଇଜି ପାର୍କ ସମ୍ମୁଖରେ ବାର୍ତ୍ତା ଦେଉଥିବା ବିନୋଦ।

## ରାଉରକେଲା ସ୍ୱତନ୍ତ୍ର ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ରାଉରକେଲା,୨୭।୧(ସଙ୍ଗୀତା ଜେନା): ରାଉରକେଲା ସ୍ୱତନ୍ତ୍ର ଜେଲ୍‌ରେ ରବିବାର ଅପରାହ୍ନ ୪ଟାରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳମଣି ରାଉତ(୫୫)। ଏ ନେଇ ରଘୁନାଥପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୫) ରୁଜୁ ହୋଇଛି। ସୋମବାର ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

ରାଉରକେଲା ସ୍ୱତନ୍ତ୍ର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂହ ମୁଣ୍ଡାଙ୍କ ସୂଚନା ଅନୁଯାୟୀ, ଟାଙ୍ଗରପାଲି ଥାନା କନ୍‌ଷ୍ଟ୍ରକ୍ସନ କଲୋନିର ନୀଳମଣି ମାତୃହନ୍ତା ମାମଲାରେ ୨୦୨୩ ସେପ୍ଟେମ୍ବର ୨୬ ତାରିଖରେ ଗିରଫ ହୋଇ ସ୍ୱତନ୍ତ୍ର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ତାଙ୍କର ଡାଇବେଟିସ୍ ଏବଂ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲା। ରବିବାର ଅପରାହ୍ନରେ ଅସୁସ୍ଥ ଅନୁଭବ କରିବାରୁ ନୀଳମଣିଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆର୍‌ଜିଏଚ୍ ମର୍ଗ ହାଉସରେ ମୃତଦେହ ରଖାଯାଇଥିଲା। ସୋମବାର ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମୁଣ୍ଡା କହିଥିଲେ।

## ମ୍ୟୁନିସିପାଲ କଲେଜରେ ପରାକ୍ରମ ଦିବସ ପାଳିତ

ରାଉରକେଲା,୨୭।୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜରେ ୭୬ତମ ଗଣତନ୍ତ୍ର ଦିବସ ଓ ପରାକ୍ରମ ଦିବସ ଛାତ୍ର ଆଦିତ୍ୟ ଚୌଧୁରୀଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ଡ. ପ୍ରଧାନ ବିକଶିତ ରାଷ୍ଟ୍ର ନିର୍ମାଣରେ ଆମର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅର୍ଘ୍ୟଦୀପ ବାନାର୍ଜୀ ବରପୁତ୍ରଙ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବିଶେଷ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ଆଭାସ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ରାଜନୀତି, ଅର୍ଥନୀତି ଓ ସାମାଜିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଡ. ଦିବ୍ୟକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ବୋଷଙ୍କ ସମ୍ପର୍କିତ ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରକଳା ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର।

## ଟି-୨୦ କ୍ରିକେଟ: ଆଶୁ ଇଲେଭେନ୍ ଚାମ୍ପିୟନ

ରାଉରକେଲା,୨୭।୧(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ୧୪ତମ ରାଇଜିଂ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ସନ୍ଧ୍ୟା ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଅଭିନାଶ ପ୍ରଧାନ ମୁଖ୍ୟ ଅତିଥି, ପ୍ରଭାବିନୀ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଉରକେଲା ସମେତ ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସେକ୍ଟର-୮ ଆଶୁ ଇଲେଭେନ୍ ଓ ସେକ୍ଟର-୧୫ ସନ୍ ରାଇଜର କ୍ରିକେଟ୍ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସନ୍ ରାଇଜର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରୁ ୧୭ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅକ୍‌ସର ଶେଖ୍ ୨୫ ବଲ ଖେଳି ସର୍ବାଧିକ ୨୭ ରନ କରିଥିଲେ। ଜବାବରେ ଆଶୁ ଇଲେଭେନ୍ ଦଳ ୧୭ ଓଭରରେ ୫ ଉଇକେଟ୍ ହରାଇ ୧୦୯ ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ସର୍ବାଧିକ ୩୬ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ଆଶୁ ଇଲେଭେନ ଦଳର ବିକ୍ରମ ଯାଦବ ଗୋଟିଏ ଓଭରରେ ଲଗାତାର ୩ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦୁର୍ଗେଶ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ଆଶିଷ ମିତ୍ରା ଓ ବେଷ୍ଟ ବ୍ୟାଟର ଭାବେ ଗୁରୁଚରଣ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ଓସିଏ ପ୍ୟାନେଲ ଅମ୍ପାୟାର ପ୍ରଶାନ୍ତ ମହାନ୍ତି ଓ ଗୋବିନ୍ଦ ତାଣ୍ଡିଆ ପରିଚାଳନା କରିଥିଲେ। ରବି ଗୋପ ଓ ସୁଦୀପ ବରାଡ ରନ ତଦାରଖ କରିଥିଲେ। ସଭାପତି ଈଶ୍ୱର ପଟ୍ଟନାୟକ, ଶିଶିର ସାହୁ, ହିମାଂଶୁ ପରିଡା, ରାହୁଲ ଶର୍ମା, ସୁବେନ୍ଦୁ ସେଠୀ, ବଷ୍ଟି ନାୟକ, ହରିଶ ବାରିକଙ୍କ ସମେତ ରାଇଜିଂ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିଗଣ।

## ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୨୭।୧(ଦିନେଶ ମିଶ୍ର)

**ରେଳ ଓଭରବ୍ରିଜ୍ ନିର୍ମାଣରେ ଜମି ଅଧିଗ୍ରହଣ ସାଜିଛି ବାଧକ**

କୁଲୁଙ୍ଗା ରେଳ ଓଭରବ୍ରିଜ୍ ନିର୍ମାଣରେ ଜମି ଅଧିଗ୍ରହଣ ସାଜିଛି ବାଧକ। ଏ ନେଇ କୁଲୁଙ୍ଗା ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ସନ୍ଧ୍ୟା ସାଢେ ୬ଟାରେ ସେକ୍ଟର-୧୯ ସ୍ଥିତ ରାଉରକେଲା ହାଉସ୍‌ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, କୁଲୁଙ୍ଗା ରେଲୱେ ଓଭରବ୍ରିଜ ନିର୍ମାଣ ହେଉ ନ ଥିବାରୁ ଉକ୍ତ ଅଞ୍ଚଳରେ ଥିବା ୨୦ଟି ପଞ୍ଚାୟତ ପ୍ରାୟ ୧ ଲକ୍ଷ ଲୋକ ପ୍ରତିଦିନ ପ୍ରଭାବିତ ହେଉଛନ୍ତି। ଏହି ବ୍ରିଜ୍ ନିର୍ମାଣରେ ଜମି ଅଧିଗ୍ରହଣ ସମସ୍ୟା ସାଜିଛି। ଉକ୍ତ ଜମି ଅଧିଗ୍ରହଣ ସମସ୍ୟା ଦୂର କରିବା ପାଇଁ ୨୨ ଜଣ ଜମି ମାଲିକଙ୍କ ମଧ୍ୟରୁ ୨୧ ଜଣ ରାଜି ଥିବାବେଳେ ଜଣଙ୍କ ପାଇଁ ଓଭରବ୍ରିଜ ନିର୍ମାଣରେ ବିଳମ୍ବ ହେଉଛି। ଏଥିସହ ୩ୟ ରେଳ ଲାଇନ କାର୍ଯ୍ୟ ପାଇଁ ଉକ୍ତ କୁଲୁଙ୍ଗା ରେଳ ଫାଟକରେ ଘଣ୍ଟା ଘଣ୍ଟା ଧରି ଗେଟ୍ ବନ୍ଦ ରହୁଛି। ଫଳରେ ସ୍କୁଲ, ଡାକ୍ତରଖାନା, ଜିଲା ମୁଖ୍ୟାଳୟକୁ ଯିବା ପାଇଁ ବହୁ ଅସୁବିଧା ହେଉଛି ବୋଲି ପ୍ରତିନିଧି ଦଳ ମନ୍ତ୍ରୀ ପୂଜାରୀଙ୍କୁ ଅବଗତ କରିଥିଲେ। ଏହି ପ୍ରତିନିଧି ଦଳରେ ରଞ୍ଜିତ ସାହୁ, ଏ. ପ୍ରଧାନ, ଶଙ୍କର ଯାଦବ, ନରେଶ ଗୌଡ, ହାଫିଜ୍ ସକିଲ ଅହମ୍ମଦ, ମାନସ ମହାନ୍ତି, ଶରତ ସେଠୀ, ଦିଲୀପ ବଡାଇକ, ବିକାଶ ସାହୁ, ରଶନ ଝା, ଆଶିଫ ଇକ୍‌ବାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବରପୁତ୍ରଙ୍କ ବଳିଦାନକୁ ସ୍ମରଣ କଲେ

ରାଉରକେଲା,୨୭।୧
(ଦିନେଶ ମିଶ୍ର/ସଙ୍ଗୀତା ଜେନା/ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଉଦିତନଗର ପଡ଼ିଆରେ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ଏହି ସମାରୋହରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଭାରତର ସମ୍ବିଧାନର ପ୍ରଣେତା ଆମ୍ବେଡ଼କରଙ୍କ ସମେତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲାପାଳ କହିଥିଲେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରୁ ଖେଳାଳି ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ ଜିଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ଏହାଛଡା ରାଉରକେଲା ମହାନଗର ନିଗମ ଦ୍ୱାରା ପରିମଳ ବ୍ୟବସ୍ଥା ପରିଚାଳନା ଦିଗରେ କରାଯାଉଥିବା ପ୍ରୟାସ ପ୍ରଶଂସନୀୟ। ରାଉରକେଲାକୁ ସ୍ୱଚ୍ଛ ଓ ସମୃଦ୍ଧ ସହର ଭାବେ ଗଢି ତୋଳିବାକୁ ସହରବାସୀ ସହଯୋଗର ହାତ ବଢାନ୍ତୁ ବୋଲି ମହାଜନ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ପରେଡରେ ୫୨ ଦଳ ଅଂଶଗ୍ରହଣ କରିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଶ୍ରୀକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ରବିବାର ସକାଳ ୯ଟାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି ପଡ଼ିଆରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏନ୍‌ସିସି ଅଧିକାରୀ ପ୍ରଫେସର ଅଜିତ ବେହେରା, ଅରୁଣ ପ୍ରସାଥ ଭିଙ୍କ ନେତୃତ୍ୱରେ ଅନୁଷ୍ଠିତ ପରେଡ୍‌ରେ ନିର୍ଦ୍ଦେଶକ ରାଓ ଅଭିବାଦନ ଗ୍ରହଣ କରିଥିଲେ। ଏନ୍‌ଆଇଟି କର୍ମଚାରୀ କ୍ଲବ ପକ୍ଷରୁ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା।

ଶକ୍ତିନଗରସ୍ଥିତ ଶକ୍ତି କ୍ଲବ ଏବଂ ସୋଶିଆଲ ହୋମ୍ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ଭାଜପା ନେତା ଶକ୍ତେଶ୍ୱର ପାତ୍ର, ଗୁରୁ ଚରଣ ସାହୁ, ମାନସ ସାହୁ, ଶାନ୍ତନୁ ମହାରଣା, ବିଜୟ ଚୌହାନ, ପ୍ରକାଶ ଦାସ, ସଞ୍ଜୟ ଚୌହାନ, ଜ୍ୟୋତି ଦାସ, ଅମିତାଭ ଘୋଷ, ଜଗବନ୍ଧୁ ସାହୁ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ରାଉରକେଲା ବାଲିଯୋଡିସ୍ଥିତ ଇଣ୍ଡିଆନ୍ ଡେଟୋନେଟର୍ସ ମଜଦୁର ସଭା କାର୍ଯ୍ୟାଳୟରେ ସକାଳ ୮ଟାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ତଥା ଶ୍ରମିକ ନେତା ଆନନ୍ଦ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ଅନ୍ତର୍ଯାମୀ ବେଉରା, ସିଦ୍ଧେଶ୍ୱର ବଳ, ସମ୍ପାଦକ ପ୍ରଭାତ ନାୟକଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୋପବନ୍ଧୁ ନଗରସ୍ଥିତ ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ସହ ସମ୍ପାଦିକା ସଚଳା ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଭିଲଟାଉନଶିପସ୍ଥିତ ସାର୍ବଜନୀନ ମାର୍କେଟ ଆସୋସିଏଶନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଂଗ୍ରେସ ଯୁବନେତା ଜ୍ଞାନେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ସଭାପତି ରବି ରାୟଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାବିର ହୁସେନ, ରାମାନନ୍ଦ ଶ୍ରୀଚନ୍ଦନ, ଜ୍ଞାନେନ୍ଦ୍ର ଦାସ, ବନମାଳି ବିଶୋୟୀ, ବିଶ୍ୱନାଥ ବାରିକ, ରୁକ୍‌ସାନା ବେଗମ୍, ବିନୋଦ ରାଉତ, ବ୍ରଜବନ୍ଧୁ ତ୍ରିପାଠୀ ପ୍ରମୁଖ ଉପସ୍ଥତ ଥିଲେ।

**ଷ୍ଟିଲସିଟି ରାଉରକେଲାରେ ସାଧାରଣତନ୍ତ୍ର ଦିବସ ପାଳିତ**



ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଉଦ୍ୟୋଗର ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସିଏମ୍‌ଡିଙ୍କ ସମେତ ସିଇଓ ଅମିତ ଅଗ୍ରୱାଲ, ଆକାଉଣ୍ଟ ହେଡ୍ ସୀତାରାମ ବାଗଡିଆ ଓ ସେଲ୍ସ ହେଡ୍ ଅନୁଜ ପ୍ରସାଦ ଗୋମାତା, ଗୁରୁମାତା ଓ ପିତୃ ଦେବତାଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିଥିଲେ। ଶିଶୁ ଓ କର୍ମଚାରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁଶ୍ରୀ ଶୁଭଶ୍ରୀ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗୀତା କୁଣ୍ଡୁ, ପ୍ରଫୁଲ୍ଲ ପାତ୍ର, ଅବିନାଶ ମିଶ୍ର, ମୁକେଶ ଠାକୁର, ଟି. ପୁରୁଷୋତ୍ତମ, ପ୍ରମିଳା ସାଣ୍ଡଲ, ଅଞ୍ଜଳି ସାହୁ, ପୀତାମ୍ବର ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ରାଉରକେଲା ସେକ୍ଟର-୧୬ସ୍ଥିତ ମାନସିକ ଭିନ୍ନକ୍ଷମ ଅନୁଷ୍ଠାନ 'ଶ୍ରଦ୍ଧା' ପରିସରରେ ୭୬ତମ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ରାଉରକେଲା ରାଉଣ୍ଡ ଟେବୁଲ୍ -୧୯୪ର ଅଧ୍ୟକ୍ଷ ନବପ୍ରୀତ ସିଂ ଏବଂ ଲେଡିଜ ସର୍କଲ-୧୨୦ର ଅଧ୍ୟକ୍ଷା ପ୍ରାଞ୍ଜଲ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସୁଜାତା ରାଉତ, ଧୀରେନ୍ଦ୍ର ଓଝା, ଅଞ୍ଜଳି ମହାରଣା, ପ୍ରୀତି ବାରିକ, ଅର୍ଚ୍ଚନା ମିଞ୍ଜି, ଶିବାନୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।

ଆର୍‌ଏସ୍‌ପି ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ଇସ୍ପାତ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଏହି ଅବସରରେ ଭାରତର ସ୍ୱାଧୀନତା ସଂଗ୍ରାମରେ ବରପୁତ୍ରମାନଙ୍କ ଅତୁଳନୀୟ ତ୍ୟାଗ ଏବଂ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେକ୍ଟର-୨୨ ମିନି ଷ୍ଟାଡିୟମରେ ଆୟୋଜିତ ଗଣତନ୍ତ୍ର ଦିବସରେ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ବର୍ମା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସ୍‌ଏଫ୍ ସିନିୟର କମାଣ୍ଡାଣ୍ଟ ଆଲୋକ ଜଲ୍ଲାନିଆ ମଞ୍ଚାସୀନ ଥିଲେ। ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ଦୀପିକା ମହିଳା ସଂହତି ଉପାଧ୍ୟକ୍ଷା ନବନୀତା ପାଲଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟେନସା ଇସ୍ପାତ ହାଇସ୍କୁଲ ପଡିଆରେ ବିଆଇଏମ୍, କେଆଇଏମ୍ ଓ ଡାଲଡିହର ସିଜିଏମ ହିମାଂଶୁ ମିଶ୍ର, ବୋଲାଣି ଫୁଟବଲ ପଡିଆରେ ବୋଲାଣି ଲୌହ ଖଣି ସିଜିଏମ୍ ଜୟଦେବ ଚଟ୍ଟୋପାଧ୍ୟାୟ ଏବଂ ଦୀପିକା ମହିଳା ସଂହତି ଆନୁକୂଲ୍ୟରେ ସେକ୍ଟର-୨ସ୍ଥିତ ଦୀପିକା ଇସ୍ପାତ ଜାଗୃତି ସଂସ୍ଥାନରେ ନମ୍ରତା ବର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ।




ଗୃହସ୍ଥୀ ଉଦ୍ୟୋଗରେ ପତାକା ଉତ୍ତୋଳନ କରାଯାଉଛି।



ଏନ୍‌ଆଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।



ଇସ୍ପାତ ଷ୍ଟାଡିୟମରେ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅଭିବାଦନ ଗ୍ରହଣ କରୁଛନ୍ତି।

# ସଂକ୍ଷେପରେ

### ପିସ୍ତଲ ଦେଖାଇ ଧମକ ଅଭିଯୋଗ

## ଅଭିଯୁକ୍ତ ଗିରଫ, ପିସ୍ତଲ ସହ ୨ଗୁଳି ଜବତ

**ଖପ୍ରାଖୋଲ, ୨୭।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅଧୀନସ୍ଥ ଖପ୍ରାଖୋଲ ପାଟଣାଗଡ଼ ରାସ୍ତାର ମାଟିଖାଇ ଗାଁ ନିକଟ ଯାଦବ ଢ଼ାବାରେ ପସି ପିସ୍ତଲ ଦେଖାଇ ଧମକ ଦେବା ଅଭିଯୋଗରେ ଖପ୍ରାଖୋଲ ପୋଲିସ ମାଟିଖାଇ ଗାଁର ପବିତ୍ର ଚିରାଙ୍ଗୁଲ (୪୮)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଏକ ଦେଶୀ ପିସ୍ତଲ ସହିତ ୨ଟି ଜୀବନ୍ତ ଗୁଳି ଜବତ କରିବା ସହିତ ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୨୪/୨୦୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

**ବଲାଙ୍ଗୀର, ୨୭।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌର ପରିଷଦ କାର୍ଯ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, ଶତ୍ରୁଘନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, ସରସ୍ୱତୀ ନନ୍ଦ, ନନ୍ଦିନୀ ପୋଢ଼, ସରିତା ଦାସ, କିଶୋର କୁମ୍ଭାର, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଜେଏସ୍ଏମ୍ କଲେଜ ପରିସରରେ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଡଭୋକେଟ୍ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ସଂଘର ସଭାନେତ୍ରୀ ଶାନ୍ତିଲତା ସାହୁ, ପୂର୍ବତନ ସ୍କୁଲ ଉପନିରୀକ୍ଷକ ଶ୍ୟାମ ସୁନ୍ଦର ଦାସ, ବିଇଡି ସଂଘ ଜିଲା ସଭାପତି ମଧୁସୂଦନ ନାୟକ ଓ ପୂର୍ବତନ ଜିଲା ଉପସଭାପତି ଧୃବରାଜ ଚୋପଦାର ମଞ୍ଚାସୀନ ଥିଲେ। ରାଜ୍ୟ ଉପସଭାପତି ପ୍ରଶାନ୍ତ ପୁରୋହିତ, ରସୁଲ ଖାନ ତଥା ହରେକୃଷ୍ଣ ରଥ ବକ୍ତବ୍ୟ ରଖିଥିଲେ।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ଖପ୍ରାଖୋଲ, ୨୭।୧(ଅଭୟ ତ୍ରିପାଠୀ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସାଧାରତନ୍ତ୍ର ଦିବସ ସମାରୋହ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସିକନ୍ଦରାବାଦରେ ବନ୍ଧା ପଡ଼ିଛନ୍ତି ଓଡ଼ିଆ ଦାଦନ ଶ୍ରମିକ

- ପୁଅକୁ ମୁକୁଳାଇବାକୁ ମାତାପିତାଙ୍କ ଆକୁଳ ନିବେଦନ
- ଟଙ୍କା ଫେରାଇଲେ ଛାଡ଼ିବାକୁ ଦେଉଛନ୍ତି ଧମକ

**ବଲାଙ୍ଗୀର, ୨୭।୧ (ବୀରେନ୍ଦ୍ର କୁମାର ଝାଙ୍କର)**


ସୁନୀଲ ନାଏକଙ୍କ ଫାଇଲ ଫଟୋ


ସୁନୀଲଙ୍କ ମାତାପିତା ବଲାଙ୍ଗୀର ଏସ୍‌ଡିପିଓ ଅଫିସକୁ ଆସିଛନ୍ତି।

ବଲାଙ୍ଗୀର ଜିଲାର ଜଣେ ଯୁବ ଦାଦନ ଶ୍ରମିକଙ୍କୁ ତେଲଙ୍ଗାନାର ସିକନ୍ଦରାବାଦ ସହର ନିକଟ ଏକ ଜଙ୍ଗଲରେ କେତେଜଣ ଅପହରଣକାରୀ ବନ୍ଧକ ରଖି ଧମକଚମକ ଦେଉଥିବା ଖବର ମିଳିଛି। ବନ୍ଧକ ଦାଦନ ଶ୍ରମିକ ଜଣକ ହେଲେ ବଲାଙ୍ଗୀର ସଦର ଥାନା ଶିକାଛିଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଜୁଳିମୁଣ୍ଡାର ସୁନୀଲ ନାଏକ (୨୩)। ପୁଅକୁ ମୁକ୍ତ କରିବା ପାଇଁ ତାଙ୍କ ମାତାପିତା ସୋମବାର ବଲାଙ୍ଗୀର ଏସ୍‌ଡିପିଓ ଅଫିସକୁ ଆସି ନିବେଦନ କରିଛନ୍ତି। ଦେଢ଼ଲକ୍ଷ ଟଙ୍କା ଦାବିକରି ଅପହରଣକାରୀମାନେ ସୁନୀଲଙ୍କୁ ବନ୍ଧକ ରଖିଥିବା ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ଗତ ଅକ୍ଟୋବରରୁ ନିଜ ଗାଁର କେତେଜଣ ଲୋକଙ୍କ ସହ ସୁନୀଲ ସିକନ୍ଦରାବାଦକୁ ଇଟା ଗଢ଼ିବାକୁ ଯାଇଥିଲେ। ସୁନୀଲଙ୍କ ସହ ତାଙ୍କ ମା, ଜଣେ ଭାଇ ଓ ଜଣେ ଭଉଣୀ ମଧ୍ୟ ଯାଇଥିଲେ। ସେମାନେ ଇଟାଗଢ଼ା ବାବଦକୁ ସର୍ଦ୍ଦାରଙ୍କଠାରୁ ଅଗ୍ରିମ ଦେଢ଼ ଲକ୍ଷ ଟଙ୍କା ନେଇଥିଲେ। ପ୍ରାୟ ତିନି ମାସ କାମ କଲା ପରେ ସେଠାକାର ଇଟାଭାଟିରେ ଏକ ଅଘଟଣ ଘଟିଥିଲା। ସେଇଠି ଓଡ଼ିଶାର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ସେଠାକାର ଶ୍ରମ ବିଭାଗ ପକ୍ଷରୁ ସେହି ଇଟାଭାଟିରେ ଚଢ଼ାଉ କରାଯାଇ କେତେଜଣ ଦାଦନ ଶ୍ରମିକଙ୍କୁ ମୁକ୍ତ କରାଯାଇଥିଲା। ଫଳରେ ସୁନୀଲ, ତାଙ୍କ ଭାଇ, ଭଉଣୀ ଓ ମାତା ବଲାଙ୍ଗୀର ଫେରିଆସିଥିଲେ। ବଲାଙ୍ଗୀର ଫେରିବାର କିଛି ଦିନ ପରେ ସୁନୀଲ ଏକାକୀ ପୁଣି ଥରେ ସିକନ୍ଦରାବାଦ ଅଞ୍ଚଳକୁ ଇଟା ଗଢ଼ିବାକୁ ଚାଲିଯାଇ ସେଠାକାର ଅନ୍ୟ ଏକ ଇଟାଭାଟିରେ କାମ କରୁଥିଲେ। ଏହି ଖବର ପାଇବା ପରେ ସେଠାକାର ପୂର୍ବ ଇଟାଭାଟିର କେତେଜଣ ଦଲାଲ ତାଙ୍କୁ ଅପହରଣ କରିନେଇ ବନ୍ଧକ ରଖିଛନ୍ତି। ଅଗ୍ରିମ ଦେଢ଼ ଲକ୍ଷ ଟଙ୍କା ନ ଫେରାଇଲେ ତାଙ୍କୁ ଛଡ଼ାଯିବ ନାହିଁ ବୋଲି କୁଆଡେ ଅପହରଣକାରୀମାନେ କହିଛନ୍ତି। ଗତ ଗୁରୁବାର ସୁନୀଲ ତାଙ୍କ ବଡ଼ଭାଇଙ୍କୁ ଫୋନ୍ କରି ତାଙ୍କୁ ଅପହରଣ କରାଯାଇଥିବା ଏବଂ ବନ୍ଧକ ରଖାଯାଇଥିବା ସୂଚନା ଦେଇ ମୁକୁଳାଇବାକୁ ନିବେଦନ କରିଥିଲେ। ଅପହରଣ ଏବଂ ବନ୍ଧକ ଘଟଣା ସମ୍ପର୍କରେ ପୋଲିସ କିମ୍ବା ଗଣମାଧ୍ୟମକୁ ଜଣାଇଲେ ପରିସ୍ଥିତି ଭିନ୍ନ ହେବ ବୋଲି ଅପହରଣକାରୀମାନେ ଧମକ ଦେଇଥିବା କହି ଅଗ୍ରିମ ଦେଇଥିବା ଦେଢ଼ଲକ୍ଷ ଟଙ୍କା ଫେରାଇବାକୁ ସେମାନେ ଦାବି କରୁଥିବା କହିଥିଲେ। ଏଭଳି ଏକ ସୂଚନା ପାଇ ସୁନୀଲଙ୍କ ପରିବାର ଲୋକେ ଭୟଭୀତ ହୋଇଯାଇ କାହାକୁ କିଛି କହୁ ନ ଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଶିକାଛିଡ଼ା ଗ୍ରାମପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀ ସନ୍ତୋଷ କୁମାର ପ୍ରଧାନ ସୋମବାର ସୁନୀଲଙ୍କ ମାତାପିତାଙ୍କୁ ଧରି ଏସ୍‌ଡିପିଓ ଅଫିସକୁ ଆସିଥିଲେ। ଏସ୍‌ଡିପିଓ ପ୍ରଦୀପ ସାହୁଙ୍କୁ ସମସ୍ତ ବିବରଣୀ ଦେବା ପରେ ପୁଅକୁ ମୁକ୍ତ କରିବାକୁ ନିବେଦନ କରିଥିଲେ। ସୁନୀଲଙ୍କୁ ମୁକ୍ତ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି।

# ଦିଲ୍ଲୀରେ ଅତିଥି ହୋଇଥିବା ସରପଞ୍ଚଙ୍କୁ ଗାଁରେ ସମ୍ବର୍ଦ୍ଧନା


ନରେଶଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ଟିଟିଲାଗଡ଼,୨୭।୧ (ଶରତ ମିଶ୍ର)**

ପ୍ରଥମ ଥର ପାଇଁ ବଲାଙ୍ଗୀର ଜିଲା ତଥା ଟିଟିଲାଗଡ଼ ଅଞ୍ଚଳର ଗ୍ରାମାଞ୍ଚଳର ପ୍ରତିନିଧିଙ୍କୁ ମର୍ଯ୍ୟାଦା ଜନକ ରାଷ୍ଟ୍ରୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ସାଧାରଣତନ୍ତ୍ର ଦିବସ ଉତ୍ସବରେ ନିମନ୍ତ୍ରଣ କରାଯିବା ଜିଲାସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ନିମନ୍ତ୍ରିତ ହୋଇ ଦେଶର ରାଜଧାନୀ ଦିଲ୍ଲୀର କର୍ତ୍ତବ୍ୟ ପଥରେ ଟିଟିଲାଗଡ଼ ବ୍ଲକର ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ ଓ ତାଙ୍କ ପତ୍ନୀ ରାଜକୀୟ ଅତିଥି ଭାବରେ ଯୋଗଦେଇଥିଲେ। ସୋମବାର ଅଗ୍ରୱାଲ ବିମାନ ଯୋଗେ ରାୟପୁରରେ ଓହ୍ଲାଇ ଖୋଲାଣ ପହଞ୍ଚିଥିବାବେଳେ ଅଞ୍ଚଳବାସୀ ଶତାଧିକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ଆଣିଥିଲେ। ଏନେଇ ଖୋଲାଣର ରାଜରାସ୍ତା ବନ୍ଦେ ମାତରମ, ଭାରତ ମାତା କି ଜୟ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ଏନେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସରପଞ୍ଚ ଅଗ୍ରୱାଲ ତାଙ୍କୁ ବିଶେଷ ଭାବରେ ନିମନ୍ତ୍ରଣ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କଠାରେ କୃତଜ୍ଞତା ଜ୍ଞାପନ ସହ ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକ୍ରମ ଜୋରଦାର କରିବେ ବୋଲି କହିଥିଲେ।

# 'ବିବିଧତା ମଧ୍ୟରେ ଏକତା ଦେଶର ଅସଲ ଶକ୍ତି'


ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟଅତିଥି ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଜାତୀୟ ପାରା ତିରନ୍ଦାଜୀ ଚାମ୍ପିୟନ୍ ପାୟଲ ନାଗଙ୍କୁ ପୁରସ୍କୃତ କରୁଛନ୍ତି।

**ବଲାଙ୍ଗୀର, ୨୭।୧ (ବୀରେନ୍ଦ୍ର କୁମାର ଝାଙ୍କର)**

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ଇସଲୱାର ତାଙ୍କ ଅଭିଭାଷଣରେ ଜିଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ବୀରଶହୀଦ ଏବଂ ବରପୁତ୍ରମାନଙ୍କୁ ପ୍ରଥମେ ଶ୍ରଦ୍ଧାଞ୍ଜଳି ଜଣାଇ ଜିଲାବାସୀଙ୍କୁ ସାଧାରଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନ ଠାରୁ ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନୂଆ ସଂକଳ୍ପ ନେବାର ଦିନ ବୋଲି କହିଥିଲେ। ବିବିଧତା ମଧ୍ୟରେ ଏକତା ହେଉଛି ଆମ ଦେଶର ପରିଚୟ। ଅନେକ ଜାତି, ଭାଷା, ଧର୍ମ, ବିଶ୍ୱାସ, ସଂସ୍କୃତି ଓ ପରମ୍ପରା ଏ ଦେଶକୁ ମହାନ୍ ଓ ସମୃଦ୍ଧ କରିଛି ବୋଲି ମୁଖ୍ୟଅତିଥି ଇସଲୱାର କହିଥିଲେ। ଜିଲାପାଳ ଇସଲୱାର ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ସେଠାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ବିଭିନ୍ନ ୱାର୍ଡ ବୁଲି ରୋଗୀ ଓ ପରିଜନଙ୍କୁ ଫଳ ଏବଂ ମିଠା ବଣ୍ଟନ କରିଥିଲେ। ଏହାପରେ ଜିଲା କାରାଗାରକୁ ଯାଇ ଜେଲ ଅନ୍ତେବାସୀଙ୍କୁ ମିଠା, ପୁଇଁତଲା ବ୍ଲକ କାର୍ଯ୍ୟାଳୟରେ କଲୋନୀବାସୀଙ୍କୁ ଶାଢ଼ୀ ଓ ଲୁଙ୍ଗି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଡାନ୍‌ଦେୱ ଖିଲାରୀ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଉପଜିଲାପାଳ ଆଲୋକ ପଟେଲ ଉପସ୍ଥିତ ଥିଲେ।

ପରେଡରେ ସମୁଦାୟ ୪୬ଟି ଦଳ ଅଂଶଗ୍ରହଣ କରିଥିଲେ। କିସ୍, ଆଇଡିଏମ୍, ପଥରଚେପାସ୍ଥିତ ଆଦର୍ଶ ବିଦ୍ୟାଳୟ ଏବଂ ସେମଫର୍ଡ ସ୍କୁଲ ପକ୍ଷରୁ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଜିଲାକୁ ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନ୍‌ସିପ୍‌ରେ ଚାମ୍ପିୟନ ହୋଇ ସୁନାମ ଅର୍ଜନ କରିଥିବା ବଲାଙ୍ଗୀର ଜିଲାର ଚର୍ଚ୍ଚିତ ପାରା-ଆଥ୍‌ଲେଟ୍ ପାୟଲ ନାଗଙ୍କୁ ଜିଲାପାଳ ଇସଲୱାର ପୁରସ୍କୃତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସକାଳୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

### ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ ଅଭିଯୋଗ

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ପରିଚାଳନା କମିଟି

**ଲୋଇସିଂହା,୨୭।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ ଅଞ୍ଚଳର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକଙ୍କ ଏପରି ଆଚରଣକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷୋଭ ପ୍ରକାଶ କରିବା ସହ ବଲାଙ୍ଗୀର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେବଳ ଛାତ୍ରୀ ନୁହେଁ ଛାତ୍ରଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଛାତ୍ରୀଛାତ୍ର ଭୟରେ କାହାରିକୁ କହୁ ନ ଥିଲେ। ଦିନକୁ ଦିନ ଏହି ନିର୍ଯାତନା ବଢିବାରୁ ବାଧ ହୋଇ ଛାତ୍ରୀଛାତ୍ର ଅଭିଭାବକଙ୍କୁ ସୋମବାର ଜଣାଇଥିଲେ। ପରିଚାଳନା କମିଟି ସଭାପତିଙ୍କ ସହିତ ଅଭିଭାବକ ବିଦ୍ୟାଳୟକୁ ଯାଇ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ବିଇଓ ରୀନା କୁମାରୀ ବେହେରାଙ୍କୁ ପଚାରିବାରୁ କହନ୍ତି, ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କଠାରୁ ଘଟଣା ଶୁଣିଛି। ଏପରିକି ଥାନାରେ ଅଭିଯୋଗ ହୋଇଥିବା ଜାଣିବାକୁ ପାଇଛି। ତାଙ୍କ ନିକଟରେ ଅଭିଯୋଗ ହେଲେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ମନ୍ଦିରରୁ ଚୋରି ସାମଗ୍ରୀ ଜବତ: ଜଣେ ଗିରଫ


ଗିରଫ ଯୁବକ ଓ ଜବତ ସାମଗ୍ରୀ।

**ଲୋଇସିଂହା, ୨୭।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଆଗଲପୁର-ଇଂସା ରାସ୍ତାରେ ଥିବା ଆଗଲପୁର ଧବଳେଶ୍ୱର ମନ୍ଦିରରୁ ଗତ ୨୩ ତାରିଖ ରାତିରେ ଚୋରି ହୋଇଥିଲା। ସୋମବାର ଚୋରି ସାମଗ୍ରୀ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଇଂସା ଗ୍ରାମର ଶ୍ରୀମନ୍ତ ଶିକା (୨୬)। ଅଭିଯୁକ୍ତଙ୍କଠାରୁ ଏକ ବାଇକ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୪ ତାରଖ ସକାଳେ ମନ୍ଦିର ପୂଜକ ଅମିରା ଥନାପତି ପୂଜା ପାଇଁ ମନ୍ଦିର ଖୋଲିବାକୁ ଯାଇ ମନ୍ଦିରଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଦୁର୍ବୃତ୍ତ ମନ୍ଦିର ଗର୍ଭଗୃହ ତାଲା ଭାଙ୍ଗି ମନ୍ଦିର ଭିତରକୁ ପଶି ସାଢେ ୪ ଫୁଟର ତମ୍ବା ନାଗ, ଦେଢଫୁଟର ତମ୍ବା ନାଗ, ୮ କେଜି ବିଶିଷ୍ଟ ପିତ୍ତଳ ବସୁନ୍ଦରା କଳସ ଏପରି ଛୋଟବଡ ତମ୍ବାନାଗ ଆଦି ଚୋରି ହୋଇଥିବା ପୂଜକ ଥନାପତି ଜାଣିବାକୁ ପାଇଥିଲେ । ଏନେଇ ସେ ଗ୍ରାମର ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ । ପୂଜକ ଓ ପରିଚାଳନା କମିଟି ପକ୍ଷରୁ ଗତ ୨୪ ତାରିଖ ଆଗଲପୁର ଥାନାକୁ ଯାଇ ଲିଖିତ ଭାବେ ଜଣାଇ ପଦକ୍ଷେପ ନେବାକୁ ନିବେଦନ କରିଥିଲେ ।

# ବେକରେ ଦଉଡି ଦେଇ ମହିଳାଙ୍କ ଆତ୍ମହତ୍ୟା

**ଲାଠୋର, ୨୭।୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ବେହେରାପାଣି ଗ୍ରାମର ବନଲତା ବରିହା(୩୨) ନାମ୍ନୀ ଜଣେ ମହିଳା ଶୋଇବା ଘରେ ବେକରେ ଦଉଡି ଦେଇ ଶନିବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ବନଲତା ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ସ୍ୱାମୀ ହେମନ୍ତ ତାଙ୍କର ଚିକିତ୍ସା କରୁଥିଲେ। ହେଲେ ଶନିବାର ବନଲତା ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ଉଭୟ ବନଲତାଙ୍କ ବାପଘର ଓ ଶାଶୁ ଘର ଲୋକ ରବିବାର ଲାଠୋର ଥାନାକୁ ଆସି ଲିଖିତ ଏତଲା ଦେଇଥିଲେ। ଏତଲା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୫) ରୁଜୁ କରିଛି।

## ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

**ଲୋଇସିଂହା, ୨୭।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମାଣ୍ଡିଆପଦର ଗ୍ରାମର ପ୍ରଭାକର ପାଣ୍ଡେ(୧୯) ସୋମବାର ଅପରାହ୍ନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଲୋଇସିଂହା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ପୋଲିସ କହିଛି। ଲୋକେ ପ୍ରଭାକରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ।

# ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଟିଟିଲାଗଡ଼/ଲାଠୋର/ ଲୋଇସିଂହା/ ଦେଓଗାଁ, ୨୭।୧ (ଶରତ ମିଶ୍ର/ ଭୁବନେଶ୍ୱର ବାରିକ/ ସୁଶାନ୍ତ ବାରିକ/ କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବାଳକ ହାଇସ୍କୁଲ ଖେଳ ପଡିଆଠାରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ସାଧାରଣତନ୍ତ୍ର ଦିବସରେ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବର୍ଷାରାଣୀ ମେହେର ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପତାକା ଉତ୍ତୋଳନ କରିଥିଲେ। ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅବିନାଶ କୁମାର ମାଝୀ, ଶ୍ରୀଦୂର୍ଗେଶରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମ୍ବିତ କୁମାର ଭୋଇ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୋନ ୩ ଜିଲା ପରିଷଦ ସଂଯୁକ୍ତା ମେହେର ପତାକା ଉତୋଳନ କରିଥିଲେ । ଲୋଇସିଂହା ଷ୍ଟାଡିୟମରେ ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ ପକ୍ଷରୁ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଅନୁଷ୍ଠାନର ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଡିଓ ଅକ୍ଷୟ ପାଣି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

# ଦୋକାନ ଗୃହ ପୋଡ଼ି, ଯୋଗୀସର୍ଡାରେ ଉତ୍ତେଜନା

**ଲୋଇସିଂହା,୨୭ ।୧(ସୁଶାନ୍ତ ବାରିକ)**

**ଗିରଫ ପ୍ରତିବାଦରେ ପୋଲିସ ଅଧିକାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମରେ ଏକ ଦୋକାନ ଗୃହ ପୋଡି ଘଟଣାରେ ଗ୍ରାମର ୬ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅରବିନ୍ଦ ଓରଫ ହାଡୁ ମିଶ୍ର, ଶ୍ରୀମନ୍ତ ମିଶ୍ର, କାହ୍ନୁ ମିଶ୍ର, ସଚିଦାନନ୍ଦ ମିଶ୍ର, ଶୁଭମ୍ କରନ୍ ଓ ସୁମିତ କରନ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାକୁ ନେଇେ ରବିବାର ସନ୍ଧ୍ୟାରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା ପାଇଁ ଗାଁକୁ ଯାଇଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଟ୍ରେନିଂ ଡିଏସ୍‌ପି ସନ୍ଦୀପ କୁମାର ମାଝୀ, ଆଇଆଇସି ଯାଜ୍ଞସିନୀ ନାୟକ ଓ ଅନୀତା ପଧାନଙ୍କୁ ଶତାଧିକ ଗ୍ରାମବାସୀ ଅଟକ ରଖିଥିଲେ। ଅପରପକ୍ଷେ ସେହି ରାତିରେ ପ୍ରତିପକ୍ଷର ୩ଜଣଙ୍କୁ ଗିରଫ ପରେ ଅଟକ ଅଧିକାରୀଙ୍କୁ ଛାଡିଥିଲେ ଗ୍ରାମବାସୀ। ଯୋଗେଶ୍ୱର ପୀଠର ମନ୍ଦିର ସମ୍ମୁଖ ଏବଂ ଯୋଗୀସର୍ଡା-ବାଦିବାହାଲ ରାସ୍ତା ପାର୍ଶ୍ୱରେ ମନ୍ଦିର ଜମିରେ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଭାଙ୍ଗି ଦେବାକୁ ଦୋକାନ ମାଲିକଙ୍କୁ ଗ୍ରାମବାସୀ ଅନୁରୋଧ କରିଥିଲେ । କିଛି ଦୋକାନି ଦୋକାନ ଭାଙ୍ଗିଥିବାବେଳେ ଆଉ କେତେକ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏହାକୁ ନେଇ ସମ୍ପୃକ୍ତ ଦୋକାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ଉକ୍ତ ଛକରେ ଥିବା ଏକ ଦୋକାନ ଗୃହରେ ନିଆଁଲାଗି ପୋଡି ଯାଇଥିଲା। ଦୋକାନ ମାଲିକ ତ୍ରିନାଥ ସାହୁ ଗ୍ରାମବାସୀ ତାଙ୍କ ଦୋକାନକୁ ନିଆଁ ଲଗାଇ ପୋଡି ଦେଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ମୋବାଇଲ, ଜେରକ୍ସ କମ୍ପ୍ୟୁଟର, ଏସି, ସିସିଟିଭି ଏପରି ଭାବେ ୩ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ଏହି ଘଟଣାରେ ପୋଲିସ ସେହି ରାତିରେ ଗ୍ରାମର ୬ ଜଣଙ୍କୁ ଉଠାଇ ନେଇ କୋର୍ଟ ଚାଲାଣ କରିଥିଲା। ବିଦ୍ୟୁତ୍ ସର୍ଟ ସାର୍କିଟରେ ନିଆଁ ଲାଗିଛି ଓ ଅନ୍ୟାୟ ଭାବେ ଗାଁ ଲୋକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କୁ ଛାଡିଦେବା ଏବଂ ମନ୍ଦିର ସୌନ୍ଦର୍ଯ୍ୟକରଣ କାମରେ ବାଧାପ୍ରାପ୍ତ କରୁଥିବା ଦୋକାନ ଉଚ୍ଛେଦ ଦାବିରେ ମନ୍ଦିର ଛକରେ ପ୍ରତିବାଦ କରିଥିଲେ ଗ୍ରାମବାସୀ। ଖବରପାଇ ସମ୍ପୃକ୍ତ ପୋଲିସ ଅଧିକାରୀ ଲୋକଙ୍କୁ ବୁଝାସୁଝା ପାଇଁ ଯାଇଥିବାବେଳେ ଯାଗୀସର୍ଡା-ବାଦିବାହାଲ ରାସ୍ତା ଏଟିଏମ ନିକଟରେ ରାସ୍ତାରେ ଗଛ ପକାଇ ଏବଂ ଏସ୍‌ଡିପିଓଙ୍କ ଭ୍ୟାନ ଆଗରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ପ୍ରତିପକ୍ଷର ତ୍ରିନାଥ ସାହୁ, ବଡଭାଇ ଶିବପ୍ରସାଦ ସାହୁ ଏବଂ ତାଙ୍କ ବାପା ଜୁଗି ସାହୁଙ୍କୁ ଗିରଫ କଲା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରାତି ୧୦ଟା ପରେ ଅଟକ ପୋଲିସ ଅଧିକାରୀଙ୍କୁ ଛାଡିଥିଲେ ଗ୍ରାମବାସୀ।

# ଆଞ୍ଚଳିକ ଲୋକମହୋତ୍ସବ ଉଦ୍‌ଯାପିତ

**କଳା, ସାହିତ୍ୟ ଓ ସଂସ୍କୃତିର ତ୍ରିବେଣୀ ସଙ୍ଗମ ହେଉଛି ମହୋତ୍ସବ**



କୁମୁରିଆରେ ଚାଲିଥିବା ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

**ଦେଓଗାଁ,୨୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅନ୍ତର୍ଗତ ଶୁଳିଆପୀଠ କୁମୁରିଆ ସାନଖଳାରେ ଚାଲିଥିବା ଆଞ୍ଚଳିକ ଲୋକମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବର ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ କଳା, ସାହିତ୍ୟ ଓ ସଂସ୍କୃତିର ତ୍ରିବେଣୀ ସଙ୍ଗମ ହେଉଛି ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳର ପୂର୍ବତନ ବିଧାୟକ ମହିଧର ରଣା, ଗୁରୁଶ୍ରୀ ଘାସିରାମ ମିଶ୍ର, ବିଡିଓ ପ୍ରିୟରଞ୍ଜନ କୁମାର, ସମିତିସଭ୍ୟ ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଦେଷଣ୍ଡର ଚାନ୍ଦିଲି ପାହାଡ ମହୋତ୍ସବ କମିଟି ଓ ଭୁଡିଆରବାହାଲର ଶ୍ରୀବତ୍ସ ସାହୁ ସ୍ମାରକୀ ଫୁଟବଲ କମିଟିକୁ ଶୁଳିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ବଲାଙ୍ଗୀରର ଏକତା କଳାପରିଷଦ, ସରଧାପାଲିର ଯୁବ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକକଳା, ନୃତ୍ୟ ପରିବେଷିତ ହୋଇଥିଲା। ପ୍ରତ୍ୟହ କଂସ ଦରବାର ଓ ମୀନାବଜାର ମୁଖ୍ୟ ଆକର୍ଷଣ ସାଜିଥିଲା। ମହୋତ୍ସବର ସଫଳ ସମାପନରେ ରୂପାଧର ପୁଟା, ଟଙ୍କଧର ରଣା, ଶୈଳେନ୍ଦ୍ର ସାହୁ, ପ୍ରମୋଦ ବହିଦାର, ବେଣୁଧର ସିଂ, ଜୟ ରଣା, ହେମନ୍ତ କୁମାର ମାଝୀ, ଲୋକନାଥ ନନ୍ଦ, ପିତବାସ ନାଏକ, ନିରୋଦ ଛତ୍ରିଆ ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲାର ବିକାଶରେ ସାମିଲ ହେବାକୁ ଆହ୍ୱାନ




ପୋଲିସ ଲାଇନ୍ ପଡ଼ିଆରେ ଅନୁଷ୍ଠିତ ମିଳିତ ପରେଡ। ମୁଖ୍ୟ ଅତିଥି ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି।

## ସମ୍ବଲପୁରରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ସମ୍ବଲପୁର,୨୭।୧(ପ୍ରମୋଦ ବହିଦାର)

ଜିଲାର ବିକାଶରେ ସମସ୍ତେ ସହଯୋଗ କରନ୍ତୁ। ୭୬ତମ ସମ୍ବଲପୁର ଜିଲାସ୍ତରୀୟ ସାଧାଣତନ୍ତ୍ର ଦିବସ ପାଳନ ଅବସରରେ ଏହା କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ପୋଲିସ ଲାଇନ ପଡ଼ିଆରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ବୋନ୍ଦର ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ଅଭିଭାଷଣରେ ସେ ସମ୍ବଲପୁର ମାଟିର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ଛବିଲ ସାଏ, ଉଦନ୍ତ ସାଏଙ୍କୁ ମନେ ପକାଇଥିଲେ। ଏହାବାଦ ପ୍ରଜ୍ଞାପନ ମେଢ ପଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏଠାରୁ ଜିଲାପାଳ ଅନ୍ୟ ଅଧିକାରୀଙ୍କ ଗହଣରେ ମଣ୍ଡଳ କାରାଗାର, ଜିଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲିସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ। ସେଠାରୁ ସେ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ଆନୁକୁଲ୍ୟରେ ଅୟୋଜି ରକ୍ତଦାନ ଶିବିର ଓ ପ୍ରଶାସନ କମିଶନର୍ସ କଲୋନୀ ପଡ଼ିଆରେ ଆୟୋଜିତ ଜିଲା ପ୍ରସାଶନ ଓ ନାଗରିକ ଏକାଦଶ ମଧ୍ୟରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଗଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସମ୍ବଲପୁରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହାସହ ପ୍ରଜ୍ଞାପନ ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଶ୍ରେଷ୍ଠଦଳଙ୍କୁ ପୁରସ୍କୃତ କରଯାଇଥିଲା। ସେହିପରି ମିଳିତ ପରେଡରେ ଭାଗ ନେଇଥିବା ସିନିୟର ଡିଭିଜନରେ ଆର୍ମିୱିଙ୍ଗ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ, ଜୁନିୟର ବର୍ଗରେ ଏନସିସି (ବାଳକ) ଗୁରୁ ନାନକ ପବ୍ଲିକ ସ୍କୁଲ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ, ସିଭିଲିଆନ ବର୍ଗରେ ବିକାଶ ଦି କନସେପ୍ଟ ସ୍କୁଲ ପ୍ରଥମ, ଏସଡ଼ିଏସ ସରକରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ନୃସିଂହ ଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟ ତୃତୀୟ ପୁରସ୍କାର ହାସଲ କରିଥିଲେ। ସିଭିଲିଆନ ବର୍ଗରେ ସେଭେନ ହିଲ ରେସିଡେନ୍ସିଆଲ ସ୍କୁଲକୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାତଃରେ ସହର ସମସ୍ତ ରାମଧୂନ ପରିବେଷଣ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ପରେଡରେ ୨୬ଟି ଦଳଙ୍କ ଅଂଶଗ୍ରହଣ

**କୁଚିଣ୍ଡା, ୨୭।୧(ବିରଞ୍ଚି ଦର୍ଶୀ):** କୁଚିଣ୍ଡା କଲେଜ ପଡିଆରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡରେ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନେ ଦେଶାତ୍ମକବୋଧ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଏବଂ ଶ୍ରେଷ୍ଠ ପରେଡ ଦଳଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପରେଡ ଚୟନ କର୍ତ୍ତା ଭାବେ କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ,ଉପକାରା ଅଧିକ୍ଷକ ଚିନ୍ମୟ ପାତ୍ର, ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ଟପ୍ପୋ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ଦୀନେଶ ନନ୍ଦ, କୁଚିଣ୍ଡା କଲେଜରେ ଅଧକ୍ଷା ସୁଚିତ୍ରା ମିଶ୍ର, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଧକ୍ଷା ଜ୍ୟୋସ୍ନାପ୍ରିୟା ବେହେରା, ଗୋଛରା ହାଇସ୍କୁଲରେ ଏମ୍‌ପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, କନ୍ହେଇପାଲି ରାଜୀବଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨କଲେଜରେ ଅଧକ୍ଷ ଡିଲେଶ୍ୱର ବେହେରା, ଉପଖଣ୍ଡ ଡାକ୍ତରଖାନାରେ ଏସ୍‌ଡିଏମଓ ଡା.ସୁବୋଧ ନାୟକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଚିଣ୍ଡା ଭାଜପା କାର୍ଯ୍ୟାଳୟରେ ନଗର ସଭାପତି ପ୍ରାଣବନ୍ଧୁ ନାଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ପଡିଆବାହାଲ(ରାଧାମୋହନ ଷଡ଼ଙ୍ଗୀ):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ହାଇସ୍କୁଲ ପଡିଆରେ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଚାଷୀନେତା ସୁବୋଧ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବେହେରା, ସରପଞ୍ଚ ସରସ୍ୱତୀ ଭୁସାଗର, ସମ୍ମାନିତ ଅତିଥିଭାବେ ଦୟାନନ୍ଦ ପବ୍ଲିକ ସ୍କୁଲ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅକ୍ଷୟ ମହାପାତ୍ର, ରାଧାମୋହନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଡା. ରାଜାରାମ ଷଡ଼ଙ୍ଗୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଓ କୌଳିକ ବୃତ୍ତିକୁ ଉଜ୍ଜିବିତ ରଖିଥିବା କୁମ୍ଭାର, ବୁଣାକାର, ବାଉଁଶ ହସ୍ତଶିଳ୍ପୀ, କଂସା ପିତ୍ତଳ ହସ୍ତଶିଳ୍ପୀ, କମାର, ବାରିକ, ଧୋବା, ମୋଚି, ମେହେନ୍ତର, କୃଷକ, କ୍ଷୀର ଉତ୍ପାଦକ, କ୍ଷୁଦ୍ର କୁଟୀର ଶିଳ୍ପ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, କଳାକାର, ଯୁବକ ସଂଘଙ୍କୁ ସମ୍ମାନୀତ କରାଯାଇଥିଲା। ଏତଦ୍‌ବ୍ୟତୀତ ଯୁବ ପ୍ରତିଭା ସୌମ୍ୟରଞ୍ଜନ ବଡ଼ପଣ୍ଡା, ଖୋଖୋ କ୍ରୀଡା ପ୍ରତିଭା ସୁନିତା ପଧାନ, ଚିତ୍ର କଳାକାର ରିପନ ପଟେଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

**ରେଢ଼ାଖୋଲ(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ବିଡ଼ିଓ ରାଜେନ୍ଦ୍ର ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ଥାନା ଆଇଆଇସି ସବିତାଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀଙ୍କ ସ୍ମୃତି ସମ୍ମାନ, ୨୦୨୫ ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ସର୍ବାଧିକ ଯୁବ ଭୋଟରଙ୍କ ଯୋଗକରି ପ୍ରଥମ ହେଇଥିବା ୧୪୪ ନମ୍ବର ବୁଥର ବିଏଲଓ କୁନିପ୍ରଧାନଙ୍କୁ ମୁଖ୍ୟ ଅତିଥି ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଦ୍ୱିତୀୟ ୧୧୦ ନଂ ବୁଥର ଯାଜ୍ଞସିନି ମିଶ୍ରଙ୍କୁ ୭ ହଜାର ଏବଂ ୨୦୭ ନଂ ବୁଥର ଜାହ୍ନବି ରଣାଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉପଖଣ୍ଡସ୍ତରରେ ଶ୍ରେଷ୍ଠ ପରେଡ ପ୍ରଦର୍ଶନ କରି ଭୀମ ଭୋଇ କଲେଜ ସମର ଶିକ୍ଷାର୍ଥୀ ବାହିନୀ, ଭୀମ ଭୋଇ କଲେଜ(ବାଳକ), ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସ୍କାଉଡ୍, ରାଣୀ ଅର୍ଣ୍ଣପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟ ସିଭିଲିୟନ ଦଳ, ଖଣ୍ଡାଡିପ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେଢ଼ାଖୋଲ ପୁରସ୍କୃତ ହୋଇଥିଲେ।



ପରେଡରେ ଶ୍ରେଷ୍ଠ ଭୀମ ଭୋଇ କଲେଜ ଏନସିସି ଦଳକୁ ପୁରସ୍କୃତ କରାଯାଉଛି।

**ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ):** ଜମନକିରା ବ୍ଲକ ଡାକ୍ତରଖାନା ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଏମ୍‌ପି ପ୍ରତିନିଧି ରମେଶ କୁମାର ସାହୁ, ତହସିଲଦାର ହରେକୃଷ୍ଣ ବରିହା, ଅତିରିକ୍ତ ତହସିଲଦାର ସୌରଭ କୁମାର ସାହୁ, ଆଇଆଇସି ପଦ୍ମାଳୟା ସାହୁ ମଞ୍ଚାସୀନ ଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ ପରେଡ ଦଳକୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏପିଓ ମନୋଜ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁଡ ସମାରିଟାନ ସ୍କୁଲ ଅଧକ୍ଷା କାନ୍ତିଲତା ପଟେଲ ଏଥିରେ ସହଯୋଗ କରିଥିଲେ।



ଜଣେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଡିଇଓଙ୍କୁ ଭେଟିଲେ ଅବସରପ୍ରାପ୍ତ ଶିକ୍ଷକ ସଂଘ

ସମ୍ବଲପୁର,୨୭।୧(ବି.ଶଙ୍କର)

ସମ୍ବଲପୁର ଜିଲା ଅବସରପ୍ରାପ୍ତ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ସୋମବାର ଅପରାହ୍ନ ୪ଟାରେ ନୂତନ ଭାବେ ଯୋଗ ଦେଇଥିବା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଲକ୍ଷ୍ମଣ ଭୋଇଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପ୍ରାକ୍ତନ ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହିପରି ପ୍ରତିନିଧି ଦଳ ସାମ୍ପ୍ରତିକ ନୂତନ ଶିକ୍ଷା ନୀତି ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ଜିଲାରେ ନୂତନ ଶିକ୍ଷାନୀତି ପ୍ରଣୟନ ଓ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରାକ୍ତନ ଶିକ୍ଷକମାନେ ଆବଶ୍ୟକସ୍ଥଳେ ସମସ୍ତ ପ୍ରକାର ସହଯୋଗ ପ୍ରତିଶ୍ରୁତି ଦେଇଥିଲେ। ଏହିପ୍ରତିନିଧି ଦଳରେ ସଭାପତି ହୀରାଲାଲ ବାରିକ, ସମ୍ପାଦକ ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଯଶୋବନ୍ତ ସାହୁ, ଡ଼. ରାଜକୁମାର ସାଣ୍ଡିଲ୍ୟ, ପଦ୍ମନାଭ ମହାକୁଡ଼, କିଶୋର ପାଣିଗ୍ରାହୀ, ବାଳକୃଷ୍ଣ ବିଶ୍ୱାଳ ଓ ବ୍ରଜେନ୍ଦ୍ର ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦନ୍ତାହାତୀର ମୃତଦେହ ଜବତ

ସମ୍ବଲପୁର,୨୭।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ରେଞ୍ଜ ଖସାପାଲ ଗ୍ରାମ ନିକଟ ଲାବଡେରା ବୋଲବଙ୍ଗା ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ଜବତ କରାଯାଇଛି। ତେବେ ଦନ୍ତାର ଦାନ୍ତ ସୁରକ୍ଷିତ ରହିଥିବା ବେଳେ ଦେହରେ କୌଣସି ପ୍ରକାର କ୍ଷତ ଦେଖିବାକୁ ମିଳିନାହିଁ। ତେଣୁ ବିଦ୍ୟୁତ୍‌ଘାତରେ ଦନ୍ତାର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ରବିବାର ସକାଳେ ଜଙ୍ଗଲକୁ ଯାଇଥିବା କେତେଜଣ ସ୍ଥାନୀୟ ଲୋକ ଦନ୍ତାର ମୃତଦେହ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଏସମ୍ପର୍କରେ ସମ୍ବଲପୁର ସଦର ବନଖଣ୍ଡ ଅଧିକାରୀ କାଲୁଙ୍ଗେ ଗୋରଖ ୱାମନ କହିଛନ୍ତି, ଭୁବନେଶ୍ୱରୁ ଆସିଥିବା ଏକ ମିଳିତ ଟାସ୍କଫୋର୍ସ କମିଟି ଉପସ୍ଥିତିରେ ଦନ୍ତାର ବ୍ୟବଛେଦ କରାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁ ପ୍ରକୃତ କାରଣ ଜଣା ପଡ଼ିବ ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ୱାମନ।

## ନବୀନ ପ୍ରଧାନ ଥିଲେ ସମାଜବାଦ ଆନ୍ଦୋଳନର ପୁରୋଧା

ସମ୍ବଲପୁର, ୨୭।୧(ଭବାନୀ ଶଙ୍କର ଭୋଇ)

କୁଲତା ସମ୍ବଲପୁର ପକ୍ଷରୁ ଦାନୀପାଲିସ୍ଥିତ ରାମଚଣ୍ଡୀ ସେବା ସଦନଠାରେ ରବିବାର କୃପାସିନ୍ଧୁ ଖମାରୀଙ୍କ ଅଧକ୍ଷତାରେ ପୂର୍ବତନ ବିଧାୟକ ନବୀନ କୁମାର ପ୍ରଧାନଙ୍କୁ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ପ୍ରଧାନ ବରଗଡ ଜିଲା ଭଟଲି ନିକଟସ୍ଥ ଗୁଏସରଠାରେ ୧୯୩୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୬ ମସିହାରୁ ୧୯୭୪ ପର୍ଯ୍ୟନ୍ତ ଦୁଇଥର ବରଗଡ ବ୍ଲକ ଅଧକ୍ଷ, ୧୯୭୪ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଦୁଇଥର ବରଗଡ଼ ବିଧାୟକ ରହିବା ସହ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ତତ୍କାଳୀନ ନୀଳମଣି ରାଉତରାୟଙ୍କ ନେତୃତ୍ୱାଧୀନ ମନ୍ତ୍ରୀମଣ୍ଡଳରେ ସମବାୟ ମନ୍ତ୍ରୀଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିବା ନିର୍ମଳ ପ୍ରଧାନ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ। ଏହାସହ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ବିରୋଧରେ ତାଙ୍କର ସଂଗ୍ରାମ ଏବଂ ୧୯ ମାସର କାରାବରଣ ବିଷୟରେ ଅନ୍ୟତମ ବକ୍ତା ଜଟାଭୂଷଣ ସାହୁ କହିଥିଲେ। ଜନନେତା କିଷନ ପଟ୍ଟନାୟକ, ସ୍ୱର୍ଗୀୟ ଗଣନାଥ ପ୍ରଧାନଙ୍କ ସମାଜବାଦ ଆଦୋଳନରେ ନବୀନ ପ୍ରଧାନଙ୍କ ଯୋଗଦାନ ବିଷୟରେ ଭକ୍ତବନ୍ଧୁ ପ୍ରଧାନ ମତ ରଖିଥିଲେ।



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ କୁଲତା ସମାଜର ସଦସ୍ୟ।

## ଆମ ସମ୍ବିଧାନ ଆମ ଗୌରବ କାର୍ଯ୍ୟକ୍ରମ



ଅତିଥିଙ୍କ ସହ କୃତି ଛାତ୍ରୀଛାତ୍ରମାନେ।

କୁଚିଣ୍ଡା,୨୭।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଭାଜପା ପକ୍ଷରୁ ସୋମବାର ଆନ୍ତଃ କଲେଜସ୍ତରୀୟ ଆମ ସମ୍ବିଧାନ ଆମ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ଉପଖଣ୍ଡର ୧୬ଟି କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଭାରତୀୟ ସମ୍ବିଧାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ ତାଙ୍କ ମଧ୍ୟରେ ସାମ୍ବିଧାନିକ ଜ୍ଞାନ ଉଜ୍ଜିବିତ ଉଦ୍ଦେଶ୍ୟରେ ଗତ ୧୮ ରୁ ୨୭ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଓ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା। ସୋମବାର ଅନ୍ତିମ ଦିବସରେ ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ସ୍ମୃତିଚିହ୍ନ ସହ ନଗଦ ଅର୍ଥରାଶି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଚିଣ୍ଡା କଲେଜ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ମୁଖ୍ୟଅତିଥି,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବିଧାୟକ ପ୍ରତିନିଧି ଶୁଶିଲ କୁମାର କର, କାର୍ଯ୍ୟକ୍ରମର ସଂଯୋଜକ ବିଭୂତି କଲ୍ୟାଣ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟ ଚୂଡ଼ାମଣି ମାକର, ବିଜୟ ନାଏକ ,ରାଜକୁମାର ରକ୍ସା, ସନାତନ କୁସୁମ, ପ୍ରାଣବନ୍ଧୁ ନାଥ, ଯୁଧିଷ୍ଠିର ମାଝି, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଶକ୍ତି ନିରାପତ୍ତାରେ ଶ୍ରମିକଙ୍କ ଅମୂଲ୍ୟ ଅବଦାନ ରହିଛି

### ମହାନଦୀ କୋଇଲା କମ୍ପାନୀ ପାଳିଲା ଗଣତନ୍ତ୍ର ଦିବସ

ସମ୍ବଲପୁର,୨୭।୧(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ବୁର୍ଲା ଜାଗୃତି ବିହାର ସ୍ଥିତ ମୁଖ୍ୟାଳୟରେ ପାଳିତ ହୋଇଯାଇଛି। ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଏମଡି କାଓଲେ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଦେଶର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ କୋଇଲା ଖଣି ଶ୍ରମିକମାନଙ୍କ ଅମୂଲ୍ୟ ଅବଦାନ ରହିଛି। ଦେଶର ପ୍ରଗତି ଏବଂ ସମୃଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ ନିଜ ନିଜ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରୟାସ କରିବାକୁ ସିଏମଡି କାଓଲେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଫିସର ସି.କେ ପଟେଲ ଏବଂ ନିର୍ଦ୍ଦେଶକ(ଅର୍ଥ) ଏ.କେ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନୀୟ ବିଦ୍ୟାଳୟର ପିଲାମାନେ ଉତ୍ସାହର ସହ ଯୋଗ ଦେଇଥିଲେ। ଏନସିସି କ୍ୟାଡେଟ, ସ୍କାଉଟ୍ସ ଏବଂ ଗାଇଡ, ଏମସିଏଲ ସୁରକ୍ଷା, ଓଆଇଏସଏଫ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରେଡରେ ସାମିଲ ଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ।



ଏମସିଏଲ ସିଏମଡି ଉଦୟ ଅନନ୍ତ କାଓଲେ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଯୁଟ୍ୟୁବ ଏଫ୍‌ସି ଚାମ୍ପିୟନ

କୁଚିଣ୍ଡା,୨୭।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର କର୍ଡାଖମନ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନ ୫ଟା୩୦ରେ ଉଦ୍‌ଯାପିତ ହୋଇଯାଇଛି। କର୍ଡାଖମନ ଫୁଟବଲ ଟିମ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ରେଙ୍ଗାଲବେଡା ଯୁଟ୍ୟୁବ ଏଫସି ଓ ସାତକମା ଆମ୍ବେଦକର ସ୍ପୋର୍ଟି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଶେଷରେ ଟାଇବ୍ରେକର ମାଧ୍ୟମରେ ରେଙ୍ଗାଲବେଡା ଯୁଟ୍ୟୁବ ଏଫସି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଫୁଟବଲ ଟିମ ସଭାପତି ବାବୁଲି କିଷାନ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ ମୁଖ୍ୟଅତିଥି, ଏମ୍‌ପି ପ୍ରତିନିଧିରୁଦ୍ର ପ୍ରତାପ ଦେଓ ମୁଖ୍ୟବକ୍ତା, ଟାଇଁସର ସରପଞ୍ଚ ରାଜେନ୍ଦ୍ର କିଷାନ, ଗୋଛରା ସରପଞ୍ଚ ଥାନେଶ୍ୱର ନାଏକ, ତେଲିଟିଲେଇମାଲ ସରପଞ୍ଚ ପ୍ରମୋଦ କିଷାନ, ଭାଜପା ଗୁଦଗୁଦା ମଣ୍ଡଳ ସଭାପତି ଚୂଡ଼ାମଣି ମାକର, ୱାଡସଭ୍ୟ ସୁରେନ୍ଦ୍ର ଷଣ୍ଢ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ରେଙ୍ଗାଲବେଡା ଯୁଟ୍ୟୁବ ଏଫସିକୁ ଚାମ୍ପିୟନ ଟ୍ରଫିସହ ନଗଦ ୨୦ହଜାର ଓ ସାତକମା ଆମ୍ବେଦକର ସ୍ପୋର୍ଟିଙ୍କୁ ରନର ଅପ ଟ୍ରଫିସହ ନଗଦ ୧୫ହଜାର ଟଙ୍କା ଅର୍ଥରାଶି ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ଫୁଟବଲ ଟିମ ସମ୍ପାଦକ ସୁମନ୍ତ କିଷାନ, ସଭ୍ୟ ରାଜେଶ କିଷାନ, ଅମୂଲ୍ୟ କିଷାନ, ବିକାଶ କିଷାନ ପରିଚାଳନା କରିଥିଲେ।



ଅତିଥିଙ୍କସହ ଉଭୟ ଦଳର ଖେଳାଳିମାନେ।

## ଆମର ସମ୍ବିଧାନ ଆମ ଦେଶର ଆତ୍ମା

### ଆଇପିଏସ୍ ସ୍କୁଲରେ ସାଧାରଣତନ୍ତ୍ର ଦିବସ

ସମ୍ବଲପୁର,୨୭।୧(ବି.ଶଙ୍କର)

ସମ୍ବଲପୁରର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ୍ ପବ୍ଲିକ ସ୍କୁଲ (ଆଇପିଏସ)ରେ ୭୬ ତମ ଗଣତନ୍ତ୍ର ଦିବସ ହୋଇଯାଇଛି। ମୁଖ୍ୟ ଅତିଥି ସମ୍ବଲପୁର ଜିଲାର ପ୍ରାକ୍ତନ କ୍ରୀଡାଧିକାରୀ ବିଦ୍ୟାଧର ପ୍ରଧାନ, ସ୍କୁଲ ଅଧକ୍ଷ କେଶବ ଡାଲମିଆ ଏବଂ ପ୍ରିନ୍ସିପାଲ ସଚିନ ପାଠକଙ୍କ ସହ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଚାରୋଟି ସଦନର ସଦସ୍ୟମାନେ ପ୍ରଧାନ ଛାତ୍ର ଶକ୍ତି ପ୍ରକାଶ ସାମଲ ଏବଂ ପ୍ରଧାନ ଛାତ୍ରୀ ସାୟନା ସୁଦିପ୍ତା ଓରାମଙ୍କ ନେତୃତ୍ୱରେ ମାର୍ଚ୍ଚ ପାଷ୍ଟ କରି ଝଣ୍ଡାକୁ ସଲାମ ଦେଲେ। ସ୍କୁଲ ପ୍ରିନ୍ସିପାଲ ପାଠକ କହିଲେ ଯେ, ଆମର ସମ୍ବିଧାନ ଆମ ଦେଶର ଆତ୍ମା। ଛାତ୍ରମାନଙ୍କ ପାଇଁ ଆଜିର ଦିନ ଏକ ପ୍ରତିଜ୍ଞା ଦିବସ। ଆମେ ଅନୁଶାସନକୁ ଆତ୍ମସାତ କରି ସ୍କୁଲ, ପରିବାର, ସମାଜ ଏବଂ ରାଷ୍ଟ୍ର ଗଠନର ପ୍ରତ୍ୟେକ କାର୍ଯ୍ୟରେ ନିଜର ଅବଦାନ ରଖିବାର ପ୍ରତିଜ୍ଞା କରିବା ଉଚିତ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶଭକ୍ତି ଭାବେ ପ୍ରେରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିଷ ହୋଇଥିଲା। ସ୍କୁଲ ସଂଯୋଜିକା ପୂଜା ସିଂ, ଏକାଡେମିକ କୋଅର୍ଡିନେଟର ରଶ୍ମିରେଖା ପଣ୍ଡା, ଇଂଲିଶ ବିଭାଗ ମୁଖ୍ୟ ବିଜୟ କୁମାର ପ୍ରଧାନ, ହିନ୍ଦୀ ବିଭାଗ ମୁଖ୍ୟ ହେମନ୍ତ କୁମାର ଯାଦବ, ବିଜ୍ଞାନ ବିଭାଗ ମୁଖ୍ୟ ବିକ୍ରମ ଷଡଙ୍ଗୀ, ଶାରୀରିକ ଶିକ୍ଷା ଏବଂ ଖେଳ ଶିକ୍ଷକ ସଞ୍ଜୟ ମଲ୍ଲିକ ଏବଂ ଏନସିସି ଶିକ୍ଷୟିତ୍ରୀ ରୋଶନୀ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ପ୍ରଧାନ ଛାତ୍ରୀ ସମୃଦ୍ଧି ଗୁପ୍ତା ଧନ୍ୟବାଦ ଜ୍ଞାପନ କରିଥିଲେ।



ସାଧାରଣତନ୍ତ୍ର ଦିବସ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଛନ୍ତି।

**ଟ୍ରାନ୍ସଫର୍ମର ଚୋରି ଥାନାରେ ଅଭିଯୋଗ**

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗାଁ ନିକଟ ଓରାମପଡାରେ ଲାଗିଥିବା ଟ୍ରାନ୍ସଫର୍ମର ଖୋଲି ଚୋରମାନେ ତମ୍ବା ତାର ନେଇଯାଇଛନ୍ତି। ଫଳରେ ଗ୍ରାମବାସୀ ବିଜୁଳି ନ ପାଇ ହଇରାଣରେ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପାମରା ସମିତି ସଭ୍ୟ ଲଳିତ ଏକ୍କା ନେତୃତ୍ୱରେ ଗ୍ରାମର ତଫିକ ଏକ୍କା, କୁନୁ ବାର୍ଲା, ଅନିମା ବାର୍ଲା, ବାସନ୍ତି ଏକ୍କା, ସୁଜାତା ଏକ୍କାଙ୍କ ସହିତ ଗ୍ରାମବାସୀମାନେ ବଡ଼ଗାଁ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ପରେ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ହାଇୱାକୁ ଧକ୍କା ଦେଲା ହାଇୱା, ଚାଳକ ମୃତ

**ହେମଗିର,୨୭।୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ତେତେଲ ଘାଟି ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ବ୍ରେକ ଫେଲ ହୋଇ ଠିଆ ହୋଇଥିବା ଏକ ହାଇୱାକୁ ଅନ୍ୟ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଜଣେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ସିକନ୍ଦର (୩୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

**ଟେନ୍‌ସା,୨୭।୧(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଭଞ୍ଜପାଲି ଜଙ୍ଗଲରୁ ସୋମବାର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତା ନାବାଳିକା ହେଲେ ଲିପି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏହା ଆତ୍ମହତ୍ୟା ନା ହତ୍ୟା ତାହା ସନ୍ଦେହ ଘେରରେ ରହିଛି। କାରଣ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରୁ ଲିପି କୁଆଡ଼େ ପଳାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ସକାଳୁ କାଠ ପାଇଁ ଜଙ୍ଗଲକୁ ଯାଉଥିବା ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ନାବାଳକଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୨୭।୧(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚାର୍ଡିହରିହରପୁର ଗ୍ରାମରେ ଜଣେ ନାବାଳକ ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ସେହେଲେ ଦୀନବନ୍ଧୁ କିଶାନ(୧୫)। ଏନେଇ ରବିବାର ଦୀନବନ୍ଧୁଙ୍କ ବାପା ସୁରେନ୍ଦ୍ର ଫାଣ୍ଡିରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୬/୨୫ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରୁଷି ଗୁମ୍ଫାରେ ମାଘମେଳା, ବିଶ୍ୱଶାନ୍ତି ମହାଯଜ୍ଞ

**ହେମଗିର,୨୭।୧(ଚୈତନ୍ୟ ପଟେଲ):** ହେମଗିର ବ୍ଲକ ମୁଣ୍ଡରଖେତ ପଞ୍ଚାୟତ ଘୋଘରପାଲି ରୁଷି ଗୁମ୍ଫାଠାରେ ମାଘମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିରେନ୍ଦ୍ର କୁମାର ବାବା ଉପସ୍ଥିତ ଥିଲେ। ଏହି ଅବସରରେ ପାଲା, ଭଜନ, କୀର୍ତ୍ତନ ତଥା ଅନେକ ପୌରାଣିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମାଘ ମେଳାକୁ ଦେଖିବା ପାଇ ଓଡ଼ିଶା, ଛତିଶଗଡ ତଥା ଅନେକ ଦୂର ଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରୁଷି ଗୁମ୍ଫା ଉନ୍ନୟନ ପରିଷଦ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଏହି ଅବସରରେ କମିଟିର ସଭାପତି ମାଧବ ବାରିକ, ସମ୍ପାଦକ ଡ୍ରିଗ୍ରୀ କୁମାର ସାହୁ, କୋଷାଧ୍ୟକ୍ଷ ରାମ ସା, ଓକିଲ ସା, ରାଜେନ୍ଦ୍ର ପଧାନ,ସମାରୁ ଦେହେରି,ଭୋଲା ଖମାରି,ପୁରନ୍ଦର ମଲ୍ଲିକ ପ୍ରମୁଖ କମିଟିର ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# କ୍ରୀଡ଼ା ସହ କଳା, ସାହିତ୍ୟରେ ସୁନ୍ଦରଗଡ଼ର ସୁନାମ ରହିଛି


ସୁନ୍ଦରଗଡ଼ରେ ମୁଖ୍ୟ ଅତିଥି ପ୍ୟାରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

**ସୁନ୍ଦରଗଡ଼,୨୭।୧( ଜୟ ନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡରେ ୭୬ତମ ସାଧାରଣତନ୍ତ୍ର ଦିବସ**

ସୁନ୍ଦରଗଡ଼ ସଦର ମହକୁମାଠାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ପୂଜାରୀ ସମ୍ବିଧାନ ସଭାର ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ , ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ ପୂଜାରୀ ପ୍ରକାଶ କରିଥିଲେ। ସୁନ୍ଦରଗଡ଼ ଜିଲା ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କେବଳ ଏକ ଶିଳ୍ପ ସମୃଦ୍ଧ ଜିଲା ଭାବେ ନୁହେଁ କ୍ରୀଡା, କଳା, ସାହିତ୍ୟରେ ମଧ୍ୟ ଏହି ଜିଲାର ସୁନାମ ରହିଛି। ସୁନ୍ଦରଗଡ଼ ହେଉଛି ହକିର ଏନ୍ତୁଡ଼ିଶାଳ। ଏହି ପବିତ୍ର ମାଟିରେ ବହୁ ଅନ୍ତର୍ଜାତୀୟ ହକି ତାରକା ଜନ୍ମ ଗ୍ରହଣ କରିଛନ୍ତି। ଯେଉଁମାନେ ସୁନ୍ଦରଗଡ଼ ଜିଲା ସହିତ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେହିଭଳି ମନ୍ତ୍ରୀ ପୂଜାରୀ ଲହୁଣୀପଡ଼ା ବ୍ଲକରେ ଚାଲିଥିବା ପି. ଏମ . ଜନମାନ ଅନ୍ତର୍ଗତ ପାଉଡ଼ି ଭୂୟାଁଙ୍କ ବିକାଶ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଆକାଂକ୍ଷା ବ୍ଲକ ଯଥା- ନୂଆଗାଁ ଓ ବାଲିଶଙ୍କରା ବ୍ଲକର ସଂପୂର୍ଣ୍ଣତା ଅଭିଯାନ, ସୁଭଦ୍ରା ଯୋଜନା, ବସୁନ୍ଧରା ଯୋଜନା ଓ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ଅର୍ନ୍ତଗତ ପଟ୍ଟା ବଣ୍ଟନ, ବିଦ୍ୟାଳୟ, ମ ହା ବି ଦ୍ୟା ଳ ୟ ଗୁଡ଼ିକୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ ଆଦି ଉପରେ ନିଜ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ସୁନ୍ଦରଗଡ଼ ପୌର ପରିଷଦ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଉତ୍କୃଷ୍ଟ ପ୍ୟାରେଡ ପ୍ରଦର୍ଶନ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା କାରାଗାରର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଜିଲା କ୍ରୀଡ଼ା ସଂସଦ ପଡ଼ିଆ ଠାରେ ଜିଲା ପ୍ରଶାସନ, ଗଣମାଧ୍ୟମ, ବାର ଆସୋସଏସନ ଏବଂ ପୋଲିସ ପ୍ରଶାସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷଦେବ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାପରିଚାଳନା କରିଥିଲେ। ରିଜର୍ଭ ଇନିସପେକ୍ଟର ଲୋକନାଥ ଭୋଇ ପ୍ୟାରେଡ ପରିଚାଳନା କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସକାଳେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ସେହିଭଳି ସହର ମଧ୍ୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥଇଲେ। ଏହି ଅବସରରେ ଜିଲା ସ୍ତରୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

**ବଣାଇଁ,(ପ୍ରଦୀପ ତ୍ରିପାଠୀ):** ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରାଜା ଧରଣୀଧର ବହୁମୁଖୀ ପଡିଆଠାରେ ପାଳିତ ହୋଇଯାଇଛି। ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମବେତ ଜନତାଙ୍କ ଉଦ୍ଦେଶ୍ୟରେ ନିଜ ଅଭିଭାଷଣ ରଖିଥିଲେ। ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ମୋଟ ୨୦ଟି ପରେଡ ଦଳ ମଧ୍ୟରେ ପ୍ରତିଯୋଗିତା ମୂଳକ ପରେଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ.୪.୩୦ମି.ସମୟରେ ରାମଧୂନ ଗାନ କରାଯାଇ ସହର ପରିକ୍ରମା କରାଯିବା ସହିତ ବିଜୁ ପଟ୍ଟନାୟକ, ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କ ପ୍ରତି ମୂର୍ତ୍ତିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ। ଶେଷରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।

**ରାଜଗାଙ୍ଗପୁର,(ଅଶୋକ ପାଣି):** ରାଜଗାଙ୍ଗପୁର ପୌରପାଳିକା ଦ୍ୱାରା ସହରର ଫୁଟବଲ ପଡିଆରେ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ, ଏକଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗ, ରେଞ୍ଜର ଗୁରୁଚରଣ ମଣ୍ଡଳ, ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ୟାରେଡରେ ଉନ୍ନିତ ଦଳକୁ ସମ୍ମାନିତ କରାଯାଇଥିଲା। ଏଥିସହ ଡକ୍ଟର ମୁସ୍ତାଫିଜ ଅହମ୍ମଦ, ଶଙ୍କର ଲାଲ କେଶରୱାନି ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ସଂଘର ସଭାପତି ଜଗନ୍ନାଥ ଯାଦବ, କଂଗ୍ରେସ ଭବନରେ ଟାଉନ କମିଟିର ସଭାପତି ଦେବରଞ୍ଜନ ବିନୋଦ, ଫାଟକ ଛକରେ ଭାଜପାର ଟାଉନ ସଭାପତି ରାଜନ ସୋନି, ହୋପ ଭିନକ୍ଷମ ବିଦ୍ୟାଳୟରେ ଡକ୍ଟର ସରୋଜିନି ସାହୁ ପ୍ରଭୃତି ପାତାକା ଉତ୍ତୋଳନ କରି ସମ୍ବୋଧନ କରିଥିଲେ।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଲିଟିଲ ବଡ ସ୍କୁଲରେ ଅଧକ୍ଷ ସାଦ୍ରାକ ବାରା, କୁଆଁରମୁଣ୍ଡା ବ୍ଲକରେ ଜ୍ୟୋତି କେରକେଟା, ବନ କାର୍ଯ୍ୟାଳୟରେ ରେଞ୍ଜର ପଞ୍ଚନାରାୟଣ ସରାଫ, କୁଆଁରମୁଣ୍ଡା ଲ୍ୟାମ୍ପରେ ପରିଚାଳନା ନିର୍ଦ୍ଦେଶକ ରଣଜିତ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଲ୍ୟାମ୍ପ ସଭାପତି ଟାଇରସ ମିଞ୍ଜ,କୁଆଁରମୁଣ୍ଡା ଡାଏରୀ ଫାର୍ମରେ ଡ. ଶୁଭେନ୍ଦୁ ଘୋଷ,କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ପଟ୍ଟନାୟକ,କୁଆଁରମୁଣ୍ଡା ଫାଣ୍ଡିରେ ଅଭୟ ମହାପାତ୍ର ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବୀରମିତ୍ରପୁର ପୌରପାଳିକାରେ ପୌରଧ୍ୟକ୍ଷ ସନ୍ଦୀପ ମିଶ୍ର,ବୀରମିତ୍ରପୁର ବନ କାର୍ଯ୍ୟାଳୟରେ ଏସିଏଫ ଦୁର୍ଯୋଧନ ଜେରାଇ,ଥାନାରେ ଆଇଆଇସି ରାମ ପ୍ରସାଦ ନାଗ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରେ ସରପଞ୍ଚମାନେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବନ୍ଧମୁଣ୍ଡା (ସୁବ୍ରତ ଦେ):** ବନ୍ଧମୁଣ୍ଡା ବି-ସେକ୍ଟର ସ୍ଥିତ ଥ୍ରୀ ଷ୍ଟାର କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପରମଜିତ ସିଂ ସନ୍ଧୁ ମୁଖ୍ୟ ଅତିଥିଭାବେ ଉପସ୍ଥିତ ହେଇ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଛୋଟ ପିଲାମାନେ ଦେଶପ୍ରେମ ସହିତ ଜଡିତ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଅଞ୍ଚଳର ଲୋକଙ୍କୁ ଗଣତନ୍ତ୍ର ଦିବସର ଅଭିନନ୍ଦନ ଜଣାଇବା ସହିତ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ କ୍ଲବର ଲାଲୁ ଛେତ୍ରୀ, ଜନ ଭେଙ୍ଗ୍ରା, ଶକ୍ତି ହେମ୍ବ୍ରମ, ରାଜ କିଶୋର ସୋଏ, ଲଲ୍ଲା ଉପାଧ୍ୟାୟ, ଆକାଶ ଦାସ ଉପସ୍ଥିତ ଥିଲେ।

**ଲହୁଣୀପଡା,(ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୁରାଗ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ବବୁଲ ପେରେଇ ପତାକା ଉତ୍ତୋଳନ କରିଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଏହା ପାଳିତ ହୋଇଯାଇଛି। ଭାଜପା କାର୍ଯ୍ୟାଳୟରେ ଏବଂ ବିଜେଡି ତରଫରୁ ଲହୁଣୀପଡା ସ୍ଥିତ ଗାନ୍ଧୀ ଛକଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ବଣେଇ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଜୁଲିଆନି କାଣ୍ଡିର, ସମିତି ମେମ୍ବରଙ୍କ ସମେତ ବିଜେଡିର କର୍ମକର୍ତ୍ତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟକ୍ରମରେ ଅତିଥିଙ୍କ ସମ୍ମାନିତ କରାଯାଉଛି।


ବଣାଇଁରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

# ଜାତୀୟ ପତାକାକୁ ଅସମ୍ମାନ

**ବଣାଇଁ,୨୭।୧(ପ୍ରଦୀପ ତ୍ରିପାଠୀ)**

**ବନ ବିଭାଗର ସାଧାରଣତନ୍ତ୍ର ଦିବସ**



ଚଳିତବର୍ଷ ପ୍ରଥମ ଥର ପାଇଁ ବଣାଇଁ ବନବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଓ ପ୍ୟାରେଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ ଜାତୀୟ ପତାକାକୁ ଅସମ୍ମାନ ଏବଂ ଉତ୍ତୋଳନ ପ୍ରୋଟୋକଲକୁ ଉଲ୍ଲଙ୍ଘନ କରାଯାଇଥିଲା। ବଣାଇଁ ଡିଏଫଓ ଲଳିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ୟାରେଡ ସମାରୋହ ଅୟୋଜିତ ହୋଇଥିଲା। ଯେଉଁଥିରେ ବନଖଣ୍ଡ ବା ଉପଖଣ୍ଡର ୭ଟି ରେଞ୍ଜର କର୍ମଚାରୀ, କେତେଜଣ ସ୍କୁଲ ଛାତ୍ରୀଛାତ୍ର, ରେଡକ୍ରସ ବାହିନୀ ଉପସ୍ଥିତ ଥିଲେ। ଡିଏଫଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ପତାକା ଉତ୍ତୋଳନ ସମୟ ସକାଳ ୯ ଟା ୧୦ ମିନିଟରେ ହେଇଥିଲା। ହେଲେ ପତାକା ଉତ୍ତୋଳନ ନ ହୋଇ ତଳେ ପଡିଯାଇଥିଲା। ପୁଣିଥରେ ପତାକା ବନ୍ଧା ହେଲାପରେ ଦ୍ୱିତୀୟ ଥର ୯ ଟା ୧୬ ମିନିଟ ସମୟରେ ଉତ୍ତୋଳନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶନାମା କ୍ରମେ ଜିଲା ସ୍ତରରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ପତାକା ଉତ୍ତୋଳନର ସମୟ ୮ ଟା ୩୦ ମିନିଟ ଥିବା ସତ୍ତ୍ୱେ ପତାକା ୯ ଟା ପରେ ଉତ୍ତୋଳିତ ହେବା ଏବଂ ପତାକା ପଡିଯିବା ଘଟଣାରେ ବୁଦ୍ଧିଜୀବୀମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରିଛନ୍ତି। ଅପରପକ୍ଷେ ଯେତେବେଳେ ପତାକା ଉତ୍ତୋଳିତ ହେଲା ସେତେବେଳେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଗଲା। ମଞ୍ଚ ଉପରେ ଥିବା ବନବିଭାଗର ବଣାଇଁ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଜାତୀୟ ପତାକାକୁ ସାଲ୍ୟୁଟ କରି ସମ୍ମାନ ଜଣାଉଛନ୍ତି। କିନ୍ତୁ ମୁଖ୍ୟ ଅତିଥି ଡିଏଫଓ ସମ୍ମାନ ନ ଜଣାଇ ଚୁପ ଛିଡା ହେବା ମଧ୍ୟ ଜାତୀୟ ପତାକାକୁ ଅସମ୍ମାନ ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଡିଏଫଓଙ୍କୁ ପଚାରିବାରୁ ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ।

## ଏନ୍‌ଟିପିସି ଦର୍ଲିପାଲିରେ ସାଧାରଣତନ୍ତ୍ର ଦିବସ

**ସୁନ୍ଦରଗଡ଼,୨୭।୧(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନଟିପିସି ଦର୍ଲିପାଲି ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ(ସିଆଇଏସଏଫ)ର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ଉପସ୍ଥିତ ଥିଲେ। ଶୁଭ୍ରାଜ୍ୟୋତି ନାଗର ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରକଳ୍ପ ମୁଖ୍ୟ ହରେ ରାମ ସିଂହ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରକଳ୍ପରେ ଉତ୍ସାହ ଏବଂ ସକାରାତ୍ମକ ଅବଦାନ ପାଇଁ ଅଭିଳାଷ ଲେଡିଜ କ୍ଲବକୁ ମୁଖ୍ୟଅତିଥି ଧନ୍ୟବାଦ ଦେଇଥିଲେ। ବାଲ ଭାରତୀ ପବ୍ଲିକ ସ୍କୁଲର ଛାତ୍ରମାନେ ଜାତୀୟ ସ୍ତରରେ ଅନୁପ୍ରାଣିତ ଗୋଷ୍ଠୀ ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ।



ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବଡ଼ଗାଁ,୨୭।୧(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ସାର୍ବଜନୀନ ଦୁର୍ଗା ମଣ୍ଡପରେ ଗ୍ରାମବାସୀମାନେ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲାବେଳେ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ମଧ୍ୟ ପାଳିତ ହୋଇଥିଲା। ବଡ଼ଗାଁସ୍ଥିତ ଦୁର୍ଗା ମଣ୍ଡପଠାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଗାଁ କଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ସୁମତି ପଣ୍ଡା, ତହସିଲଦାର ଝରଣା ପ୍ରଧାନ, ବରିଷ୍ଠ ନାଗରିକ ସଂଘର ସଭାପତି ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦିଲ୍ଲୀପ ପୁରୋହିତ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଶତ୍ରୁଘ୍ନ ନାଏକ, ବରିଷ୍ଠ ନାଗରିକ ପଦ୍ମନାଭ ପଣ୍ଡା, ବିଭୂତି ନାୟକ, ଅର୍ଜୁନ ନାୟକ, ଏମଡି ହାଫିଜ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ, କଳା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଡ଼ଗାଁର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭିକାରୀ ଚରଣ ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦେଶ ପାଇଁ ସେବା ଦେଇଥିବା ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅମିନ ମାଝୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ଧବିଶ୍ୱାସ ଦୂରୀକରଣ କ୍ଷେତ୍ରରେ କାର୍ଯ୍ୟ କରି ଫୋବସ ଇଣ୍ଡିଆରେ ସ୍ଥାନ ପାଇଥିବା ଆଶାକର୍ମୀ ମାତିଲଦା କୁଲୁ ଏବଂ ଦୀର୍ଘବର୍ଷେ ସାମ୍ବାଦିକତା, ପର୍ଯ୍ୟାବରଣ ଉପରେ କାର୍ଯ୍ୟ କରୁଥିବା ବଡ଼ଗାଁର ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଡ଼ଗାଁ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ସହିତ ବୈଷୟିକ ଶିକ୍ଷାର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଡ଼ଗାଁ ଥାନା ଅଧିକାରୀ ଆଶିଷ କୁମାର ଜେନା, ବ୍ଲକ କାର୍ଯ୍ୟାଳୟ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା, ଶିଳ୍ପ ତାଲିମ କେନ୍ଦ୍ର ଓ ନର୍ସିଂ କଲେଜରେ ରାମଚନ୍ଦ୍ର ନାୟକ, ଫରେଷ୍ଟ ରେଞ୍ଜ ଅଫିସରେ ରେଞ୍ଜର ପ୍ରଦୀପ ଭୁଟିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲେ ମିଶନଶକ୍ତି ମହିଳା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ**

**ସୁନ୍ଦରଗଡ,୨୭।୧(ଜୟ ନାରାୟଣ ମେଣ୍ଡୁଲି)**



ମିଶନଶକ୍ତି ଅଧୀନରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ଆଞ୍ଚଳିକ, ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଗଠନ କରାଯାଇଥିବା ସିଏଲଏଫ, ଜିପିଏଲଏଫ, ବିଏଲଏଫ ଓ ଡିଏଲଏଫ ଗୁଡିକର ପୁନର୍ଗଠନ ପାଇଁ ଜାରି ହୋଇଥିବା ନିୟମର ପ୍ରତ୍ୟାହାର ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜୀବିକା ମିଶନ ଇ.ସି ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଶତାଧିକ ମହିଳା ସଦସ୍ୟମାନେ ସ୍ଥାନୀୟ ହସ୍ପିଟାଲ ଛକଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଅତିରିକ୍ତ ଜିଲାପାଳ ରବିନାୟଣ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ସଭାନେତ୍ରୀ ପଙ୍କଜିନୀ ପଟେଲ ଓ ସମ୍ପାଦିକା ପ୍ରତିମା କୁଜୁରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ୧୪୭ ଫୁଟର ଜାତୀୟ ପତାକା, ସବୁଜ ବଗିଚା ଲୋକାର୍ପଣ

**ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ସାଧାରଣତନ୍ତ୍ର ସନ୍ଧ୍ୟାରେ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଛକଠାରେ ସବୁଜ ବଗିଚା ଓ ୧୪୭.୬ଫୁଟର ଜାତୀୟ ପତାକା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲାପାଳ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାରଙ୍କ ଉପସ୍ଥିତିରେ ଲୋକାର୍ପଣ ହୋଇଛି। ଝାରସୁଗୁଡ଼ା ସହରରେ ସୌନ୍ଦରିୟୀ କରଣ ସକାଶେ ମିଳିତ ଭାବେ ଜେଏସ୍‌ଡବ୍ଲ୍ୟୁ ଓ ବେଦାନ୍ତ ପକ୍ଷରୁ ପ୍ରଦତ୍ତ ପ୍ରାୟ ଦେଢ଼ କୋଟି ଟଙ୍କା ଅନୁଦାନରେ ଏହି କାର୍ଯ୍ୟକ୍ରମ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ଓ ବେଦାନ୍ତର ଅଧିକାରୀଙ୍କ ସମେତ ପୋର ପରିଷଦ ନିର୍ବାହୀ ଅଧିକାରୀ, ଡି ଏମ୍ ଏଫ ଓ ଜଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୫ ୟୁନିଟ ରକ୍ତ ସଂଗ୍ରହ

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତ ବନାକାଲ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଲାୟନ୍ସ କ୍ଲବ ଏବଂ ଯୁବ ବିଜୁ ଜନତା ଦଳ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଉଦଘାଟନ କରିବା ସହ ଆୟୋଜକ ଅନୁଷ୍ଠାନ ଏବଂ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୩୫ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶେଷରେ ରକ୍ତଦାତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣଙ୍କଠାରୁ ବିଭିନ୍ନ ଆପତି ଅଭିଯୋଗ ଶୁଣିବା ସହ ଏଗୁଡିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀମାନେ ବିଶେଷ କରି ରାସ୍ତା ସମସ୍ୟାର ସମାଧାନ ସମେତ ପ୍ରଧାନମନ୍ତ୍ରୀ ଆବାସ, ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଆଦି ବିଭିନ୍ନ ଅଭିଯୋଗ କରିଥିଲେ।

### ଶ୍ରୀଶ୍ରୀ ଶିରିଡିସାଇ ବାବାଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା

**ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଖେରୱାଲ ବ୍ରିଜ ନିକଟସ୍ଥ ତୁମ୍ବେକେଲାଠାରେ ଶ୍ରୀଶ୍ରୀ ଶିରିଡିସାଇ ବାବାଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ମହୋତ୍ସବ ରବିବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବାଚସ୍ପତି ତଥ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନବ ନିର୍ମିତ ଶ୍ରୀଶ୍ରୀ ଶିରିଡି ସାଇ ମନ୍ଦିର ରତ୍ନମୁଦ ପ୍ରତିଷ୍ଠା ମହୋତ୍ସବରେ ସକାଳୁ କଳସ ଯାତ୍ରା କରି ପୂର୍ବାହ୍ନ ୧୦ଟାରେ ପୂଜାକାର୍ଯ୍ୟ ଓ ସର୍ବ ଦେବା ଦେୀ ହୋମ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। ଏହା ପରେ ଆଖପାଖ ଅଞ୍ଚଳରୁ ଆସିଥିବା ହଜାର ହଜାର ଭକ୍ତମାନେ ରତ୍ନମୁଦକରେ ଧାନ, ଚାଉଳ, ତମ୍ବା ପଇସା, ମୁଦ୍ରା ତଥା ବିଭିନ୍ନ ଧାତୁ ଅର୍ପଣ କରିଥିଲେ। ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି କରାଯାଇ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ଓ କାର୍ଯ୍ୟକ୍ରମ ଯୁବ ସଙ୍ଗଠକ ପୁରୁଷୋତ୍ତମ ମହାନ୍ତି, କିଶୋର ମହାନ୍ତି ଫାଉଣ୍ଡେଶନ ଓ ଶିରିଡିସାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ପାଦିତ ହୋଇଛି। ରତ୍ନମୁଦ ପ୍ରତିଷ୍ଠା ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଶାଳ ଦାସ, ତାପସରାୟ ଚୌଧୁରୀ, ବାସୁଦେବ ଭଇଂସା ତଥା ଜିଲାର ହଜାର ହଜାର ସାଇ ପ୍ରେମୀ ଓ ଭକ୍ତ ଯୋଗଦାନ କରିଥିଲେ।

# ମାସିଂହାରେ ମକରଯାତ୍ରାରେ ହରିହରଙ୍କ ଭେଟ



ସମାସିଂହାରେ ଆୟୋଜିତ ମକର ମେଳା।

**କୋଲାବିରା,୨୭।୧(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସମାସିଂହା ଗ୍ରାମପଞ୍ଚାୟତରେ ସାଂସ୍କୃତିକ ଭାବ ଧାରା ଓ ପରମ୍ପରାକୁ ଆଧାରକରି ୫୩ ବର୍ଷ ଧରି ଚଳି ଆସୁଥିବା ମକର ଉତ୍ସବ ସହିତ ହରିହରଙ୍କ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଜାନୁୟାରୀ ୨୬ରେ ବର୍ଷଶେଷର ଏହି ଯାତ୍ରା ବହୁପୁରାକାଳରୁ ପାଳିତ ହୋଇଆସୁଛି। ମକର ସଂକ୍ରାନ୍ତି ଉପଲକ୍ଷେ ଅନୁଷ୍ଠିତ ମେଳାରେ ପରସ୍ପରଙ୍କୁ ମକର ଚାଉଳ ଖୁଆଇ ସମବୟସ୍କମାନେ ମକର ବସିଥିଲେ। ପ୍ରଗତୀ ସଂଘ ଓ ଗ୍ରାମ୍ୟ ଯାତ୍ରା କମିଟି ଦ୍ୱାରା ଆୟୋଜିତ ଏହି ଉତ୍ସବ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରାଯାଇଥିଲା। ଯାତ୍ରା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗୌରୀଶଙ୍କର ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ ଭକ୍ତଙ୍କୁ ଗୋଟିଏ ରଥରେ ଦର୍ଶନ ଦେଇଛନ୍ତି। ରବିବାର ଅନୁଷ୍ଠିତ ଏହି ଯାତ୍ରା ମଧ୍ୟାହ୍ନରେ ଶ୍ରୀଜଗନ୍ନାଥଙ୍କୁ ମନ୍ଦିରରୁ ବାହାର କରି ବେଢା ପରିକ୍ରମା ହୋଇଥିଲା ଓ ପରେ ବିଧି ଅନୁଯାୟୀ ରଥାରଢ କରାଯାଇଥିଲା। ସେହିପରି ବିପରିତ ଦିଗରୁ ଗୌରୀ ଶଙ୍କର ମନ୍ଦିରରୁ ହରଙ୍କ ପ୍ରତିମାଙ୍କୁ ରଥରେ ଆଣି ସେଠାରେ ପହଞ୍ଚିଥିଲେ। ଏଠାରେ ହରି–ହରଙ୍କ ଭେଟ ହୋଇଥିଲା। ଯାତ୍ରା କମିଟି ପକ୍ଷରୁ ହରିଙ୍କୁ ତୁଳସିମାଳ ଏବଂ ଗାମୁଛା ଅର୍ପଣ କରାଯାଇଥିଲା। ଏହାପରେ ପୋଡପିଠା ଓ ମକର ଚାଉଳ ଭୋଗ ଲାଗି ହୋଇଥିଲା। ଏହି ମକର ମିଳନ ବିଧି କାର୍ଯ୍ୟରେ ଯାତ୍ରା କମିଟି କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ। ମକର ଯାତ୍ରା ଉପଲକ୍ଷେ ଜଗନ୍ନାଥ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ, ସଂର୍କିତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶହାସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ହରଙ୍କୁ ସାଥିରେ ନେଇ ହରଙ୍କ ରଥ ମନ୍ଦିରକୁ ବାହୁଡିଥିଲା। ଏହି ଅବସରରେ ରଥ ଉପରେ ହରି–ହରଙ୍କୁ ଏକତ୍ର ଦର୍ଶନ କରିବାର ସୁଯୋଗ ଶ୍ରଦ୍ଧାଳୁ ପାଇଥିଲେ। ଏହି ଯାତ୍ରାର ବିଶେଷତ୍ୱ ମଧ୍ୟରେ ଆରମ୍ଭଠାରୁ ପ୍ରତି ବର୍ଷ ଜାନୁଆରୀ ୨୬ ତାରିଖ ଅନୁଷ୍ଠିତ

**ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ**

ହୋଇଥାଏ ଏବଂ ଉଭୟ ଠାକୁରଙ୍କୁ କୌଣସି ଯାନବାହନରେ ନ ଯାଇ ନିଜ ନିଜ ବାହନ ଗରୁଡ ଓ ବୃଷଭରେ ବିରାଜିତ ହୋଇ ବାହାରି ଶ୍ରଦ୍ଧାଳୁଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ଯାହାକି ଏକ ନିଆରା ପରମ୍ପରା ଭାବେ ବିବେଚନା କରାଯାଏ। ଚଳିତବର୍ଷ ଯାତ୍ରା କମିଟି ସଦସ୍ୟ, ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। କୋଲାବିରା ବ୍ଲକ ସମାସିଂହାର ମକର ଯାତ୍ରା ସମଗ୍ର ଜିଲାରେ ପ୍ରସିଦ୍ଧି କରିଥିବା ବେଳେ ଚଳିତବର୍ଷ ମେଳା କମିଟି ପକ୍ଷରୁ ସୁବ୍ୟବସ୍ଥିତ, ସରଶ ଓ ସୁନ୍ଦର କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସାଙ୍ଗକୁ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସଂଘ ସଭାପତି ମନୋଜ କୁମାର କାଲୋ, ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ସରୋଜ କୁମାର ପଟେଲ, ଯୋଗେଶ୍ୱର ସେନାପତି, ଭୂଭାଗ ବଣ୍ଟନ ଅଧକାରୀ ଭିଷ୍ମଦେବ ପଟେଲ, ଓଁକାରମଲ ସାହୁ, ସରପଞ୍ଚ କରୁଣାକର ସେଟ୍, ରଞ୍ଜିତ ପଟେଲ, ଜିତୁ ସାହୁ, ସଞ୍ଜୟ ନାଏକ, ଚେତାନନ୍ଦ ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଂଘର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଗ୍ରାମର ଯୁବକମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ପାଲକୁଦର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୦୬ଟି ବ୍ୟକ୍ତିଗତ ଏବଂ ୨୮ଟି ସାମୁହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ମୋବାଇଲ ଟାୱାର, ସିସି ରୋଡ଼, ମଦଭାଟି ବନ୍ଦ ସମ୍ବନ୍ଧେ, ପାନୀୟ ଜଳ ଓ ପାର୍କର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଉପ ଜିଲାପାଳ ପରକ୍ଷିତ ସାହୁ, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଆମ୍ବଗାଁ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବାହାଡାପୋଶି ଗ୍ରାମରେ ମା' ରମ୍ଭାଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଟାଇଁସର କ୍ରିକେଟ ଦଳକୁ ପରାସ୍ତ କରି ଆମ୍ବଗାଁ ଦଳ ଚାମ୍ପିୟନ ହୋଇଛି। ଆମ୍ବଗାଁ କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଟାଇଁସର କ୍ରିକେଟ ଦଳ ୯୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ସୁବ୍ରତ ପ୍ରଧାନ ଓ ସରୋଜ ପ୍ରଧାନ ପରିଚାଳନା କରିଥିଲେ। ବାଷ୍ୟକାର ଭାବେ ଜଗା ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ମା' ରମ୍ଭାଦେବୀ କ୍ରିକେଟ କ୍ଲବ ସଭାପତି ସରୋଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଛବିଲ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼କୁ ଏକ ସମୃଦ୍ଧ ଜିଲା ଭାବେ ଗଠନ କର



ଜିଲାପାଳ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ରବିବାର ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମ୍ମିଳିତ ପରେଡରେ ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ ଓ ସେକେଣ୍ଡ ଇନ୍ କମାଣ୍ଡ ହରମାନ ପିୟୁଶ ସୋରେଙ୍ଗଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି, ସ୍କାଉଟ ଓ ସିଭିଲ ଦଳ ସମେତ ପୋଲିସ, ଆଇଆରବି ଓ ଗୋମଗାର୍ଡଙ୍କୁ ମିଶାଇ ୩୦ଟି ଦଳ ଏବଂ ଏବଂ ୩ଟି ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଓ ଲୋକପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ତଥା ଜିଲାପାଳ ସାହୁ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ଦେବଗଡ଼କୁ ଏକ ସମୃଦ୍ଧ ଜିଲା ଭାବେ ଗଠନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସେ ଜିଲାର ଛାତ୍ରୀଛାତ୍ରମାନେ ନିଜର ନିପୁଣତା ପ୍ରଦର୍ଶନ କରି ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ବିଜ୍ଞାନରେ ନବୀନ ମହାକୁଳ ଓ ତାଙ୍କ ସାଥିଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ରାଜ୍ୟସ୍ତରୀୟ ହାକାଥନ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। କ୍ରୀଡ଼ାରେ ଛାତ୍ର ଦିବ୍ୟାସନ ବୁଡ ଓ ଛାତ୍ରୀ ରିତିକା ଜେକ୍ସ ୬୮ତମ ଜାତୀୟ ବିଦ୍ୟାଳୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ୨୦୨୪ରେ ଓଡିଶା ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି। ଜିଲାରେ ସର୍ବେକ୍ଷଣ କରାଯାଇ ୧୫ ରୁ ୩୦ ବର୍ଷ ବୟସର ପ୍ରାୟ ୮୪ ହଜାର ବେକାର ଯୁବକ ଯୁବତୀ ଚିହ୍ନଟ କରାଯାଇଛି। ସରକାରୀସ୍ତରରେ

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ**

ବିଭିନ୍ନ କମିଟି ଗଠନ କରାଯାଇ ସେମାନଙ୍କ ସହିତ ଆଲୋଚନା କରି ଦକ୍ଷତା ମ୍ୟାପିଙ୍ଗ କରାଯାଉଛି। ଯାହାକି ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ତାଲିମ ପ୍ରଦାନ ପାଇଁ ପ୍ରସ୍ତାବ ଦିଆଯିବ। ଏହାଦ୍ୱାରା ପର୍ଯ୍ୟାୟକ୍ରମେ ଜିଲାର ବେକାର ଥିବା ଯୁବତୀଯୁବକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲାପାଳ ସାହୁ କହିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପରେଡରେ ୟୁନିଫର୍ମ ବିଭାଗରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ)ପ୍ରଥମ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଶ୍ରେଷ୍ଠ ଦଳ, ସିଭିଲିଆନ (ବରିଷ୍ଠ ବିଭାଗ)ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ଓ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଦ୍ୱିତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିଲେ। ସେହିପରି ସିଭିଲିଆନ(ବରିଷ୍ଠ ବିଭାଗ)ରେ ବାଲଭାରତୀ ଇଂଲିଶ ମିଡିୟମ ସ୍କୁଲ ପ୍ରଥମ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଆହତ

**କୋଲାବିରା,୨୭।୧(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ଗ୍ରାମରେ ଚାଲିଥିବା ମକରମେଳା ଯାତ୍ରା ଦେଖି ମାମୁଁ ଘରକୁ ଯାଇ ବିଶ୍ରମ କରିବା ଉଦ୍ଦ୍ୟେରେ ବାଇକ୍‌ରେ ଫେରୁଥିବା ବେଳେ ଅନ୍ୟ ଏକ ବାଇକ ସହ ଧକ୍କା ହୋଇ ଜୀବନ ହାରିଲେ ବନ୍ଧବାହାଲ ନୁଆଁଛରଲା ଗ୍ରାମର ସହଦେବ କୁମୁରା (୨୭)। ମକରମେଳା ଦେଖିବାକୁ ସାଙ୍ଗରେ ବନ୍ଧୁ ଶଙ୍କେର କାଲୋ (୩୬)ଙ୍କୁ ନେଇ ଆସିଥିଲେ। ରବିବାର ରାତି ସାଢେ ୧୧ଟାରେ ସହଦେବ ସୋଡାମାଲ ଗ୍ରାମରେ ଥିବା ମାମୁ ଘରକୁ ଫେରିବା ପାଇଁ ସମାସିଂହା ଗ୍ରାମ ସେମୁଣ୍ଡ ଷ୍ଟାଣ୍ଡରୁ ବାଇକ୍‌ରେ ୨ ବନ୍ଧୁ ଫେରିବାକୁ ବାହାରି ଥିଲେ। ମାତ୍ର ତିନିଶହ ମିଟର ଯିବା ପରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବଇକ୍ ସହ ସାମନାସାମନି ଧକ୍କା ହୋଇଥିଲା। ସହଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସାଙ୍ଗରେ ଥିବା ଶଙ୍କର ଏବଂ ଅନ୍ୟ ବାଇକ୍‌ରେ ଥିବା ମହଦା ଗ୍ରାମର ବିକାଶ ବରିହା (୨୩) ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ କୋଲାବିରା ପୋଲିସ ଉଦ୍ଧାର କରି କୋଲାବିରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣିଥିଲା। ମାତ୍ର ସହଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ସହ ଅନ୍ୟ ୨ ଗୁରୁତରଙ୍କୁ ବୁର୍ଲା ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ସହଦେବଙ୍କ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିଭିନ୍ନତା ମଧ୍ୟରେ ଏକତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନତା ମଧ୍ୟରେ ଏକତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟ (ନବଦାସ ଅଡିଟୋରିଆମ)ରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଜିଲାପାଳ ଅବୋଲି ସୁନୀଲ ଆବୋଲି ନାରାୱାଣେଙ୍କ ତତ୍ତ୍ୱାବଧାନରେ ଓ ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟାଙ୍କ ପରିଚାଳନାରେ ଆୟୋଜିତ ବିଭିନ୍ନ ସମ୍ପ୍ରଦାୟର ସାଂସ୍କୃତିକ ଦଳମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ବିଭିନ୍ନ ପ୍ରଦେଶର ଖାଦ୍ୟକୁ ନେଇ ଏକ ଫୁଡ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସହରର ଅନେକ ବ୍ୟକ୍ତିବିଶେଷ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବନଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ବନଖଣ୍ଡ ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପରେଡରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଜନସାଧାରଣଙ୍କୁ ଉଦବୋଧନ ଦେଇ ପ୍ରକୃତି ପ୍ରଦତ୍ତ ଦେବଗଡ଼ ଜିଲାର ଏକ ବୃହତ ସମ୍ପଦ ଜଙ୍ଗଲକୁ ସୁରକ୍ଷା ପ୍ରଦାନ ସହି ଏକ ସୁସ୍ଥ ପରିବେଶ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଦେବଗଡ଼ ଫରେଷ୍ଟର ପ୍ରିତମ ସାହୁ ଓ ଲଇମୁରା ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟ ସ୍କ୍ୱାର୍ଡ ଅଂଶଗ୍ରହଣ କରିଥିଲେ। ଏସିଏଫ୍ ସ୍ୱାଧୀନତା ସାହାଣୀ ଏବଂ ଅରୁଣ କୁମାର ବେହେରାଙ୍କ ସମେତ ଦେବଗଡ଼, ରିଆମାଳ, ବାରକୋଟ ସମେତ ଅନୁଗୋଳ ଜିଲା (ଦେବଗଡ଼ ବନଖଣ୍ଡ ଅଧୀନ) ପାଲଲହଡା ଓ ଖମାର ବନାଞ୍ଚଳର ସମସ୍ତ ବନାଞ୍ଚଳ ଅଧିକାରୀ ଏବଂ ଫରଷ୍ଟରମାନେ ଯୋଗଦେଇଥିଲେ। ଏହି ଅବସରରେ କାର୍ଯ୍ୟ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବନ ସୁରକ୍ଷା ସମିତି, ଗଜସାଥି, ୱାଚର, ପ୍ରୋଟେକ୍ସନ ସ୍କ୍ୱାର୍ଡ, ଫରେଷ୍ଟଗାର୍ଡ, ଫରେଷ୍ଟର ଓ ବିଭାଗୀୟ କର୍ମଚାରୀଙ୍କୁ ମୁଖ୍ୟଅତିଥି ତଥା ବନକଣ୍ଡ ଅଧିକାରୀ ରାଓସୋଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ଦେବଗଡ଼ ବନଖଣ୍ଡ ଅଧିକାରୀ ଏବଂ ଅନ୍ୟ ଅତିଥି।

# ଦେଶକୁ ସମୃଦ୍ଧି, ପ୍ରଗତି ପଥରେ ଆଗେଇ ନେବା ପାଇଁ ସଂକଳ୍ପ ନିଅ

**ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ନୋଡାଲ ୟୁପି ସ୍କୁଲ ପଡ଼ିଆଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅବୋଲି ସୁନୀଲ ନରୱଣେ ଯୋଗଦେଇ ଅଭିବାଦନ ଗ୍ରହଣ କରି ଦେଶକୁ ସମୃଦ୍ଧି ଓ ପ୍ରଗତି ପଥରେ ଆଗେଇ ନେବା ପାଇଁ ସଂକଳ୍ପବଦ୍ଧ ହେବାକୁ ଜିଲାପାଳ ଅବୋଲି ସୁନୀଲ ନରୱଣେ ଆହ୍ୱାନ ଦେଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ଦିଗରେ ଯୁବପିଢ଼ିଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ପରିବେଶ ସୁରକ୍ଷା ଦିଗରେ ଜିଲାରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଞ୍ଚଳର ଶିକ୍ଷାନୁଷ୍ଠାନ ସମେତ ଏ ଦିଗରେ ଅଧିକରୁ ଅଧିକ ବୃକ୍ଷରୋପଣ ବ୍ରତୀ ହେବାକୁ ଜନସାଧସରଣଙ୍କ ସହଯୋଗ କାମନା କରିଥିଲେ। ଜିଲାସ୍ତରୀୟ ପରେଡ଼ରେ ପୋଲିସ ବ୍ୟାଣ୍ଡ ସହ ସ୍କୁଲ ଓ କଲେଜର ମୋଟ ୨୫ଟି ଦଳ ଅଂଶ ଗ୍ରହଣ କରିଥିଲେ। ସିନିୟର ଡିଭିଜନରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ ଦଳ, ଜୁନିୟର ଡିଭିଜନରେ ଜବାହର ନବୋଦୟ ବିଦ୍ୟାଳୟ ଓ ସବ ଜୁନିୟର ଡିଭିଜନରେ ବୁ ବେଲ ଇଂଲିଶ ସ୍କୁଲ ଶ୍ରେଷ୍ଠ ଦଳ ଭାବେ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର



ଜିଲାପାଳ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଗ୍ରହଣ କରିଥିଲେ। ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନରେ ଜିଲା ବିପର୍ଯ୍ୟୟ ପରିଚାଳନା ଦଳ ପ୍ରଥମ, ଆଞ୍ଚଳିକ ପରିବହନ ଦଳ ଦ୍ୱିତୀୟ ଓ ଉଦ୍ୟାନ ବିଭାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲାସ୍ତରୀୟ ପରେଡ଼ ପରିଚାଳନା କରିଥିଲେ ରିଜର୍ଭ ଇନିସ୍ପେକ୍ଟର ଅନିଲ ମୁଖି, ସହଯୋଗ କରିଥିଲେ ସର୍ଜେଣ୍ଟ ଅମିତ କୀର୍ତ୍ତନିଆ। ଏହି ଅବସରରେ ରାଜସ୍ୱ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଜିଲାପାଳ ନରୱଣେଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଆଇଏଏସ୍ ପ୍ରବେଶନର ସର୍ବାନନ ସି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ମାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ପତାକା ଉତ୍ତୋଳନ କରିଛନ୍ତି। ତାଙ୍କ ସହ ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଆଜାଦ ହିନ୍ଦ କ୍ଲବ ମଙ୍ଗଳ ବଜାରରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ସମାଜ ସେବୀ ଓ ଯୁବ ସଙ୍ଗଠକ ପୁରୁଷୋତ୍ତମ ମହାନ୍ତି ସହ ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ତ୍ରିନାଥ ଗୋୟଲ, ପ୍ୟାରେଲାଲ ଶ୍ରୀବାସ୍ତବ, ସିଆରାମ ଦାସ, ମନୋଜ କଲେଟ ଓ ଆଜାଦ ହିନ୍ଦର ସଦସ୍ୟ ଯୋଗଦେଇଥିଲେ। ସେହିପରି ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ କୁକୁରଜଙ୍ଘା, ସାହାପଡା, ବଡ଼ମାଳ, ସରବାହାଲ, ବାଳିକା ଉଚ୍ଚ ବିଦ୍ୟାଳୟ ଡିଏଭି ସ୍କୁଲଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

## ସଂକ୍ଷେପରେ

### ଡବଲ ମର୍ଡର ଘଟଣା, ଅଭିଯୁକ୍ତ ଗିରଫ

**ଗୋଲାମୁଣ୍ଡା,୨୭।୧(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି କାର୍ଲିଗାଁରେ ଜମିବାଡି ବିବାଦକୁ ନେଇ ବଡ଼ବାପା ଓ ବଡ ମା'ଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ପୁତୁରା ବସନ୍ତ ବାଗଙ୍କୁ ପୋଲିସ ଗିରଫ କରିଛି। ସୂଚନାମତେ ଦୀର୍ଘଦିନ ଧରି ମୃତକଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଶେଷରେ ପୁତୁରା ପ୍ରତିଶୋଧ ପରାୟଣ ହୋଇ ନିଜ ବଡ଼ ବାପା ବୁଦ୍ଧୁ ବାଗ (୫୦) ଓ ବଡ଼ ମା' ସଜନେ ବାଗ (୪୫)ଙ୍କୁ ପ୍ରଥମେ ଟାଙ୍ଗିଆରେ ହାଣି ଓ ପରେ ପଥରରେ ଛେଚି ହତ୍ୟା କରିଥିଲେ।। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ଅଭିଯୁକ୍ତ ପୁତୁରା ବସନ୍ତଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଏକ ଟାଙ୍ଗିଆ ଓ ପଥର ଜବତ କରି କୋର୍ଟ ଚାଲାଣ କରିଛି। ଏ ନେଇ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଏସ୍‌ଡିପିଓ ମନୋଜ କୁମାର ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମ ସେଠ, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ।

### ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନ ରାଜ୍ୟ ସଭାପତି ହେଲେ ରିପୁଦମନ ମିଶ୍ର

**କର୍ଲାମୁଣ୍ଡା,୨୭।୧(ପ୍ରଦୀପ କୁମାର ସାହୁ):** ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନ ରାଜ୍ୟ ସଭାପତି ରୂପେ ରିପୁଦମନ ମିଶ୍ର ନିର୍ବାଚିତ



ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସଂଗଠନର ରାଜ୍ୟସ୍ତରୀୟ ନିର୍ବାଚନ ରବିବାର ଶେଷ ହୋଇଥିବାବେଳେ କଳାହାଣ୍ଡିର ମଦନପୁର, ରାମପୁର ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷକ ତଥା ରିଞ୍ଜା ଗ୍ରାମର ରିପୁଦମନ ସୌରଭ ମିଶ୍ର ସଭାପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମଳୟ କୁମାର ମହାପାତ୍ରଙ୍କୁ ୧୨୩୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସମୁଦାୟ ୨୫୪୬ ଖଣ୍ଡ ଭୋଟ ପଡ଼ିଥିବା ବେଳେ ରିପୁଦମନ ୧୬୪୯ ଓ ମଳୟ ୪୧୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ରୂପେ ଶୁଭାଶିଷ ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ଗେରୁ, କୋଷାଧ୍ୟକ୍ଷ ହରେକୃଷ୍ଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅମ୍ବିକା ସାମଲ ଓ ସହକାରୀ କୋଷାଧ୍ୟକ୍ଷ ରୂପେ ଗୁରୁ ବଦରବିନ୍ଦ ରାଉତ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଆଦର୍ଶ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ଘୋଷଣା, କ୍ୟାଡ଼ର ରୁଲ ଲାଗୁ କରିବା ଆଦି ସମସ୍ୟାକୁ ସରକାରଙ୍କ ସମ୍ମୁଖରେ ରଖି ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ନୂତନ ସଭାପତି ମିଶ୍ର କହିଛନ୍ତି।



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଓଡ଼ିଶା ଜୀବିକା ମିଶନ ଇସି ସଂଘର ବିକ୍ଷୋଭ

**ଭବାନୀପାଟଣା,୨୭।୧(ଉତ୍ତମ କୁମାର ଦାଶ)**

### ପୁନର୍ଗଠନ ପ୍ରକ୍ରିୟା ବନ୍ଦ ଦାବି

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ଆଗରେ ସୋମବାର ପୁନର୍ଗଠନ (ରିଷ୍ଟ୍ରକ୍ଚର) ପ୍ରକ୍ରିୟା ବନ୍ଦ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଓଡିଶା ଜୀବିକା ମିଶନ ଇସି ସଂଘର କଳାହାଣ୍ଡି ଜିଲା କର୍ମକର୍ତ୍ତା। ଏହି ଅବସରରେ ମା' ମାଣିକେଶ୍ୱରୀ ମନ୍ଦିରଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା। ଏଥିରେ ସଂଘର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପୁନର୍ଗଠନ (ରିଷ୍ଟ୍ରକ୍ଚର) ପ୍ରକ୍ରିୟା ବନ୍ଦ କରିବା, ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ଆଦି ଦାବି କରାଯାଇଛି। ଶୀଘ୍ର ଏହି ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ରାଜ୍ୟର ଲକ୍ଷାଧିକ ଇସି କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ସମାବେଶରେ ଜିଲା ସଭାନେତ୍ରୀ ନଳିନୀ ମଞ୍ଜରୀ ବାଗ, ସମ୍ପାଦିକା ଶଙ୍ଖସିନୀ ପଣ୍ଡା, ବୈଜୟନ୍ତୀ ସାହୁ, ରାଜଲକ୍ଷ୍ମୀ ଭଇଁସାଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜିଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଭବାନୀପାଟଣା,୨୭।୧(ଉତ୍ତମ କୁମାର ଦାଶ)**



ଜାତୀୟ ପତାକା ଉତ୍ତୋଳନ କରିବା ପରେ ଜିଲାପାଳ।

କଳାହାଣ୍ଡି ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସାଧାରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଉଲ୍ଲେଖ କରି ଭାରତର ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ଜିଲାର ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝିଙ୍କ ବଳିଷ୍ଠ ନେତୃତ୍ୱ କଥା ମନେପକାଇଥିଲେ। ଏହି ଅବସରରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ଆଦି କ୍ଷେତ୍ରରେ ହୋଇଥିବା ଉନ୍ନତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ମିଳିତ ପରେଡରେ ପୋଲିସ ବାହିନୀ ସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୪୪ ପ୍ଲାଟୁନ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ବିବେଚିତଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଶାରୀରିକ କ୍ରୀଡା କୌଶଳରେ ଶ୍ରେଷ୍ଠ ବିବେଚିତ ଶିକ୍ଷା ଅନୁଷ୍ଠାନକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରକାରୀ ଚାକିରୀ କ୍ଷେତ୍ରରେ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିର ଏସ୍‌ପି ଅଭିଲାଷ ଜି, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡେପୁଟି କଲେକ୍ଟର ସତ୍ୟନାରାୟଣ ମେହେର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲଠାରେ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବଇତୁରା ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ।

### କୁମ୍ଭମେଳାରେ ସଂକୀର୍ତ୍ତନ ଦଳର କଳା ପ୍ରଦର୍ଶନ

**ମ.ରାମପୁର,୨୭।୧ (ଶଶି ଭୂଷଣ ପ୍ରହରାଜ):** ପ୍ରୟାଗରାଜଠାରେ ଅନୁଷ୍ଠିତ କୁମ୍ଭମେଳାରେ କଳାହାଣ୍ଡି ଜିଲା ମ. ରାମପୁରଠାରୁ ୧୬କି.ମି. ଦୂର ବୋରିଂପଦର ଗ୍ରାମର ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନକରି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏହି ଦଳରେ ପ୍ରାୟ ୨୦ଜଣ ସାମିଲ ହୋଇ ନିଜ କଳା ପ୍ରଦର୍ଶନ କରିଥିଲେ। ସନାତନ ଧର୍ମୀୟ ଭାବନା ପ୍ରଚାରପ୍ରସାର ପାଇଁ ଏହି କଳାକାରଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ନାବାଳକଙ୍କ ଆତ୍ମହତ୍ୟା

**ଗୋଲାମୁଣ୍ଡା,୨୭।୧(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆ ଗ୍ରାମରେ ଜଣେ ନାବାଳକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ନନ୍ଦ ଅଘରିଆଙ୍କ ପୁଅ ବିନୋଦ ଅଘରିଆ (୧୬)। ସୂଚନା ଅନୁସାରେ କୌଣସି କାରଣକୁ ନେଇ ବିନୋଦ ନିଜ ପରିବାର ବର୍ଗଙ୍କ ସହିତ ଝଗଡା ହୋଇଥିଲା। ପରେ ଘରେ କେହି ନ ଥିବା ଦେଖି ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଫାଣ୍ଡି ପୋଲିସ ମୃତଦେହ ଜବତ କରିବା ସହ ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ.୧/୨୫) ରୁଜୁ ହୋଇଛି।

### ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ

**କର୍ଲାମୁଣ୍ଡା,୨୭।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ଆୟୋଜିତ ରାତ୍ରକାଳୀନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଡବରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କର୍ଲାମୁଣ୍ଡା ଫ୍ରେଣ୍ଡ୍‌ସ କ୍ଲବର ଅନ୍ତର୍ଯ୍ୟାମୀ ସାହୁ ଓ ସାଥୀ ସତ୍ୟ ସାହୁ ଏବଂ ରିଷିଡା ଦଳର ପ୍ରତୀକ କେଡ଼ିଆ ଓ ସାଥୀ ଚିନ୍ମୟ ଶବରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ କର୍ଲାମୁଣ୍ଡା ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ ହୋଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ମନେ ପକାଇଲେ

**ନୂଆପଡ଼ା,୨୭।୧ (ମକାରୁ ବେମାଲ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ନୂଆପଡ଼ା ଐତିହ୍ୟର ଭୂୟସୀ ପ୍ରଶଂସା କରିବା ସହିତ ସ୍ୱାଧୀନତା ଆନ୍ଦୋଳନରେ ଜିଲାର ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇଥିଲେ। ଜିଲାରେ ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ବିଭାଗର ଉନ୍ନତି ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ପରେଡରେ ୩୧ଟି ଦଳ ଅଂଶଗ୍ରହଣ କରିଥିଲେ। ମଞ୍ଚରେ ମନ୍ତ୍ରୀଙ୍କ ସହ ଜିଲାପାଳ ମଧୁସୂଦନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର ଉପସ୍ଥିତ ଥିଲେ। ପଡିଆରେ ୧୧ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡ, ପ୍ରଜ୍ଞାମେଢ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ଓ ସୀମାଞ୍ଚଳ ମହାପାତ୍ର ପରିଚାଳନା କରିଥିଲେ।



ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରୁଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ।

# ମୋଟେରକୁ ବ୍ଲକ୍ ଘୋଷଣା ଦାବି

**କୋକସରା,୨୭।୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୋଟେର ପଞ୍ଚାୟତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରବିବାର ଏକ ବୈଠକରେ ମୋଟେର ପଞ୍ଚାୟତକୁ ନୂତନ ବ୍ଲକ୍ ଘୋଷଣା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ମୋଟେର ଛକ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ୫ ବ୍ଲକ୍‌ର କେନ୍ଦ୍ରସ୍ଥଳରେ ରହିଛି। କୋକସରା, ଜୟପାଟଣା ଓ ଜୁନାଗଡ଼ ବ୍ଲକ୍‌ର ୧୧ ପଞ୍ଚାୟତକୁ ନେଇ ନୂତନ ମୋଟେର ବ୍ଲକ୍ ଦାବି କରାଯାଇଛି। ଆବାହକ ପଦ୍ମକିଶୋର ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମୋଟେର ସରପଞ୍ଚ ସୁଶୀଲ କୁମାର ଶବର, ଦେବେନ୍ଦ୍ର ପାଟ୍ଟଯୋଷୀ, ରୋହନ ପାଟ୍ଟଯୋଷୀ, ସୁବ୍ରତ ପାଟ୍ଟଯୋଷୀ, ନବକିଶୋର ଦାସ, ବୈଦ୍ୟନାଥ ପାଟ୍ଟଯୋଷୀ, ଗୋବିନ୍ଦ ପାନ, ମଦନ ନାଏକ, ନୀଳକଣ୍ଠ ମାଝୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ରହି ଭୌଗୋଳିକ ଦୃଷ୍ଟିରୁ ବ୍ଲକ୍ ଦାବିକୁ ଯଥାର୍ଥ କହିବା ସହ ରାଜ୍ୟ ସରକାରଙ୍କୁ ଦାବି ଉପସ୍ଥାପନ କରିବାକୁ ମତ ରଖିଥିଲେ। ସର୍ବସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ପଦ୍ମକିଶୋର ପୂଜାରୀ, ସମ୍ପାଦକ ଭାବେ ରୋହନ ପାଟ୍ଟଯୋଷୀ, କୋଷାଧ୍ୟକ୍ଷ ଭାବେ ଯଶୋବନ୍ତ ପାଟ୍ଟଯୋଷୀ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ରାମନାରାୟଣ ପୂଜାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ପୁରୁଷୋତ୍ତମ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୋକସରା, ଜୟପାଟଣା, ଜୁନାଗଡ଼ ବ୍ଲକ୍ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ଲୋକପ୍ରତିନିଧି ଓ ବୁଦ୍ଧିଜୀବୀମାନେ।

# ବେଦାନ୍ତ କମ୍ପାନୀରୁ ଲୁହା ଚୋରି: ୬ ଗିରଫ

**ଲାଞ୍ଜିଗଡ଼,୨୭।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ୍‌ରୁ ଲୁହାଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ଗତ ୧୫ ତାରିଖରେ ବେଦାନ୍ତ ସୁରକ୍ଷା କର୍ମୀ ଲୁହା ଚୋରି ଅଭିଯୋଗରେ ଲାଞ୍ଜିଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଏକ ମାମଲା (ନଂ.୨/୨୦୨୫) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ରାତିରେ ପୋଲିସ କମ୍ପାନୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଲୁହା ଚୋରି କରିଥିବା ୬ ଅଭିଯୁକ୍ତ କାରଖାନା ପରିସରରେ ଥିବା ଜାଣିବାକୁ ପାଇଥିଲା। ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଏକ ଟିମ୍ ସହ ଚଢ଼ାଉକରି ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଛଡ଼ରଙ୍ଗ ଗାଁର ଶିବରାମ ଦୁର୍ଗା, ସନ୍ତୋଷ ବାଗ, ରବି ବାଗ, ମଦନ ବାଗ, ଦେବରାଜ ବାଗ ଓ କାନ୍ତାରୁ ଟାକରିଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ତଦନ୍ତ ପରେ ସେମାନଙ୍କଠାରୁ ନଗଦ ୫୭ ହଜାର ୭୯୦ ଟଙ୍କା ଓ ଗୋଟିଏ ଗ୍ୟାସ୍ ସିଲିଣ୍ଡର, ଗ୍ୟାସ୍ କଟର, ଗ୍ୟାସ୍ ପାଇପ, ଅକ୍ସିଜେନ ସିଲିଣ୍ଡର ପ୍ରଭୃତି ଜବତ କରାଯାଇଥିଲା। ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁକରି ୬ ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ଡୁଆଝର ଚାମ୍ପିୟନ

**ଖଡ଼ିଆଳ,୨୭।୧(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ନେହେନା ପଞ୍ଚାୟତର ବିଛନାପାଲି ମା' ଡୁକୁରିବୁଢ଼ୀ ଫୁଟ୍‌ବଲ ଓ କ୍ରିକେଟ ସଂଘ ପକ୍ଷରୁ ନେହେନା ହାଇସ୍କୁଲ ଖେଳପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଖଇରପଦର ଓ ଡୁଆଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଇରପଦର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ଡୁଆଝର ଦଳ ୩ ଉଇକେଟ ବନିମୟରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଛି। ଥବିର ଛତ୍ରିଆ ଓ ଅକ୍ଷୟ ଝଙ୍କାର ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ମନୋଜ ସୁନାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସମ୍ମାନିତ ଅତିଥି ସରପଞ୍ଚ ନେହେନା ଅଶୋକା ଦଣ୍ଡସେନା, ସମିତିସଭ୍ୟା ନେହେନା ଲୀଳା ରାଉତରାୟ, ସରପଞ୍ଚ ଡୁଆଝର ଜିତୁ କୁମ୍ଭାର, ସମ୍ପାଦକ ସୁବାସ ବଘେଲ, ଉପଦେଷ୍ଟା କାର୍ତ୍ତିକେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଭବାନୀପାଟଣା,୨୭।୧(ଉତ୍ତମ କୁମାର ଦାଶ)**



ଖଡ଼ିଆଳଠାରେ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟଅତିଥି।

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ରବିବାର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ପତାକା ଉତ୍ତୋଳନ କରି ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ (ଜଳ, ସ୍ଥଳ ଓ ଆକାଶ ବାହିନୀ) ଶୃଙ୍ଖଳାର ସହିତ ପରେଡ କରି ଏହି ଉତ୍ସବର ଶୋଭାବର୍ଦ୍ଧନ କରିଥିଲେ। ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ମେଜର ଡ. ଜୟଦେବ ସାହୁ, ଡ. ନଳିନୀକାନ୍ତ ରଣା ଓ ସୁଚିତ ମଣ୍ଡଳ ଉକ୍ତ ଉତ୍ସବର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କର୍ଲାମୁଣ୍ଡା ସାଧାରଣ ପରେଡ୍ ପଡ଼ିଆଠାରେ ଭାରପ୍ରାପ୍ତ ବିଡିଓ ଦେବେନ୍ଦ୍ର ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା କୁନି ସାହୁ, କର୍ଲାମୁଣ୍ଡା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ରିଟନ ନାଗ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବେଣୁଧର ନାଗ ସହଯୋଗ କରିଥିଲେ। ଶିଶୁମନ୍ଦିର ଭଉଣୀ ଭାଇ ମହାପୁରୁଷଙ୍କ ବେଶରେ ସଜ୍ଜିତ ହୋଇଥିବା ଦୃଶ୍ୟ ବେଶ୍ ପ୍ରଶଂସନୀୟ ହୋଇଥିଲା।

**କୋକସରା (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ଗୁଡ଼ହାଣ୍ଡି ମଞ୍ଚରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ କୋକସରା ବିଡିଓ ହିମାଞ୍ଚଳ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ନେତା ତ୍ରିନାଥ ଶବର, ସାମାଜିକ କର୍ମୀ ପୁରୁଷୋତ୍ତମ ଗୁପ୍ତା ଉପସ୍ଥିତ ଥିଲେ। ନୋଡାଲ କ୍ରୀଡ଼ା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ କମାଣ୍ଡରେ ଛାତ୍ରୀଛାତ୍ର ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରିଥିଲେ। ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏନ୍‌ସିସି କ୍ୟାପ୍‌ଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପୁଷ୍ପରାଜ ମେହେର, ଅଧାପକ ଐରିନାଶନ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପରିଚାଳନା କରିଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ପୂର୍ବତନ ନଗରପାଳ ନିମାଇଁ ଚରଣ ତାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗ ଦେଇଥିଲେ।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ସ୍କୁଲ ଖେଳପଡ଼ିଆଠାରେ କଳାହାଣ୍ଡି ଜିଲା ପରିଷଦ ସଭାପତି ପୁଷ୍ପେନ୍ଦୁ ସିଂଦେଓ ପତାକା ଉତ୍ତୋଳନ କରିଥିବା ବେଳେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆଠାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ୍ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶିକ୍ଷକ ରାଘବ ଗହୀର, ଜୟଲାଲ ଭୋଇ, ମଧୁସୂଦନ ବାଗ, ବିଷ୍ଣୁପ୍ରସାଦ ରାଉତ ଓ ଶିକ୍ଷୟିତ୍ରୀ ବନିତା ଧାଁଗଡାମାଝୀଙ୍କ ସମେତ ଯୁବକ ସଂଘ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଲାଞ୍ଜିଗଡ଼ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ବିଚାରପତି ନାଜେଦା ଖାତୁନ, ବେଦାନ୍ତ ଲିମିଟେଡ୍ ପରିସରରେ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ।

**ବୋଡ଼େନ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ହାଇସ୍କୁଲ ପଡ଼ିଆରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୋଡ଼େନ ବିଡିଓ ସୁଶାନ୍ତ କୁମାର ରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶୀଳା ନାଗ, ତହସିଲଦାର ସରିତା ଗୁପ୍ତା, ଉପାଧ୍ୟକ୍ଷ ସଙ୍ଗୀତ ମାଝୀ, ବୋଡ଼େନ ଥାନା ଅଧିକାରୀ ଗୋବିନ୍ଦ ମାଝୀ, ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରୁଦ୍ରେଶ୍ୱର ମେହେର, ସଚେତନ ନାଗରିକ ମଞ୍ଚ ସଭାପତି ଭୁବନେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଉପକାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ

**ମ.ରାମପୁର (ଶଶି ଭୂଷଣ ପ୍ରହରାଜ):** ସାଧାରଣତନ୍ତ୍ର ଦିବସ ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମ. ରାମପୁର ଉପକାରାଗାରକୁ ଯାଇ ଶୁଦ୍ଧ ପାନୀୟ ଜଳ ପାଇଁ ମେସିନ ପ୍ରଦାନ କରିବା ସହ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଛନ୍ତି। ବିଧାୟିକାଙ୍କ ସହ ତାଙ୍କ ସ୍ୱାମୀ ନର୍ଲା ବ୍ଲକ୍ ଉପାଧ୍ୟକ୍ଷ ମୁନା ମାହାନ୍ତି, ନେତା ବିକାଶ ସିଂଦେଓ, ମ. ରାମପୁର ଆଇନଜୀବୀ ସତ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

